## ରାସ୍ତା କଡ଼ରେ ଚାରାରୋପଣ

ପାରାଦୀପ,୩୦।୧୦(ସ୍ୱ.ପ୍ର.): ପାରାଦୀପର ମୁଖ୍ୟ ପ୍ରବେଶପଥ ଅଠରବାଙ୍କି ଗେଟ୍ ରାସ୍ତା କଡରେ ରବିବାର ଚାରା ରୋପଣ କରାଯାଇଛି। ବିଶ୍ୱକର୍ମା ଗ୍ୟାରେଜ ସଂଘ ପକ୍ଷରୁ ଏହା କରାଯାଇଛି। ଉକ୍ତ ରାସ୍ତା ପାଖରେ ଗାଡି ପାର୍କିଂ ଯୋଗୁ ଧୂଳି ଆସ୍ତରଣ ହେଉଛି। ଏଥିସହ ଲୋକମାନେ ଶୌଚ କରୁଛନ୍ତି। ବଣୁଆ ପରିବେଶ ହଟାଇବା ପାଇଁ ଏପରି ପଦକ୍ଷେପ ନିଆଯାଇଛି ବୋଲି ସଂଘ ସଭାପତି ସୁରେନ୍ଦ୍ର ମହାନ୍ତ କହିଛନ୍ତି। କାର୍ଯ୍ୟକ୍ରମରେ ପୌର ଉପାଧକ୍ଷା ଛବିଲତା ରାଉତ, ଅକ୍ଷୟ ସାହୁ, ସଞ୍ଜୟ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲାରେ କାଞ୍ଜିଆହୁଦା ପରିକଳ୍ପନା ଦିଗହରା

**ଜଗତସିଂହପୁର ଅଫିସ, ୩୦।୧୦**

■ ସହରରେ ଷଣ୍ଢ ଉତ୍ପାତ ବଢ଼ୁଛି
■ ଜିଲାରେ ଗାଈଗୋରୁ ସଂଖ୍ୟା ପ୍ରାୟ ୨ ଲକ୍ଷ ୮ ହଜାର
■ ଖୁବ୍‌ଶୀଘ୍ର ଅସ୍ଥାୟୀ ଗୋଶାଳା କରିବ ଜିଲା ପ୍ରାଣୀ ବିଭାଗ
■ ଏରସମା, ତାରପୁରରେ ଖୋଲିବ ଆଉ ୨ ଗୋଶାଳା

ମାସେ କି ବର୍ଷେ ନୁହେଁ, କେଉଁ ଆବହମାନ କାଳରୁ କାଞ୍ଜିଆହୁଦାର ପରିକଳ୍ପନା କରାଯାଇଥିଲା। ଷଣ୍ଢ, ଗାଈ, ଛେଳି, ମେଣ୍ଢା ଆଦି ପ୍ରାଣୀଙ୍କ ଯୋଗୁ ଲୋକଙ୍କ ଫସଲହାନିକୁ ରୋକିବା ଏହାର ମୂଳ ଉଦ୍ଦେଶ୍ୟ ଥିଲା। ଏଥିସହ ଏହି ପ୍ରାଣୀଙ୍କ ଯୋଗୁ କ୍ଷୟକ୍ଷତି ଯେପରି ନ ହେବ ସେନେଇ ପଦକ୍ଷେପ ନିଆଯାଉଥିଲା। କାଞ୍ଜିଆହୁଦା ଯୋଗୁ ବାସ୍ତବରେ ଅନେକ ଉପକାର ହେଉଥିଲା। ଏଥିଯୋଗୁ କୌଣସି ବ୍ୟକ୍ତି ପାଳିଥିବା ଗୋରୁଙ୍କୁ ଖୋଲାରେ ଛାଡ଼ିବାକୁ ଡରୁଥିଲେ। କାରଣ ଫସଲ ଖାଉଥିବା ବା ନଷ୍ଟ ହେଉଥିବା ଅଭିଯୋଗ ଉପରେ କାଞ୍ଜିଆହୁଦାରେ ନିୟୋଜିତ କର୍ମଚାରୀମାନେ କାର୍ଯ୍ୟାନୁଷ୍ଠାନ ନେଉଥିଲେ। ଏଥିରେ ନିଯୁକ୍ତ କର୍ମଚାରୀ ତଥା ଦିଗ୍‌ଦାର ଗୋ-ମଇଁଷି ଆଦିଙ୍କୁ ଧରି ନେଇ କାଞ୍ଜିଆହୁଦାରେ ଭର୍ତ୍ତି କରି ଦେଉଥିଲେ। ତା'ପରେ ଗାଈ, ମଇଁଷି ମାଲିକ ଜରିମାନା ଦେଇ ମୁକୁଳାଉଥିଲେ। ଏହାଦ୍ୱାରା ଲୋକେ ସତର୍କ ହେବା ସହ ପୁନଃ ଭୁଲ୍ କରିବାକୁ ଡରୁଥିଲେ। ଯଦି କୌଣସି ବ୍ୟକ୍ତି ଗୋରୁଙ୍କୁ ଚରାଇବାକୁ ନେଉଥିଲେ ତେବେ ନିଜେ କିମ୍ବା କାହା ମାଧ୍ୟମରେ ଜଗୁଥିଲେ । ଅନ୍ୟପକ୍ଷରେ ସରକାର ସେମାନଙ୍କ ରହିବା, ଖାଇବା, ପିଇବା ପାଇଁ ବନ୍ଦୋବସ୍ତ କରୁଥିଲେ । କିନ୍ତୁ ଏବେ ଏହି ଯୋଜନା ପ୍ରହସନରେ ପରିଣତ ହୋଇଛି । ରାଜ୍ୟର ଅଧିକାଂଶ ସ୍ଥାନରେ କାଞ୍ଜିଆହୁଦା ଆଉ ଦେଖିବାକୁ ମିଳୁନି। ଯେଉଁଥିରେ ଜଗତ୍‌ସିଂହପୁର ଜିଲା ଅନ୍ୟତମ। କାଞ୍ଜିଆହୁଦା ଓ ଗୋଶାଳା ଅଭାବରୁ ଜିଲାରେ ବୁଲା ଗାଈଗୋରୁଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । ଏପରି କି ଜଗତ୍‌ସିଂହପୁର ସହରରେ କାଞ୍ଜିଆହୁଦାର ଆବଶ୍ୟକତା ଥିଲେ ସୁଦ୍ଧା ତାହା କରାଯାଉନାହିଁ। ସହରାଞ୍ଚଳରେ ଗୋ-ମଇଁଷାଦି ପ୍ରାଣୀଙ୍କ ଉପରେ ସୁପ୍ରିମକୋର୍ଟ କଟକଣା ଲଗାଇଥିଲେ ସୁଦ୍ଧା କୋର୍ଟଙ୍କ ଏହି ନିର୍ଦ୍ଦେଶ ଫାଇଲ ଭିତରେ ଲୁଚି ରହିଛି। ଗୋ ଚାଲାଣକାରୀମାନେ ଏହାର ଭରପୂର ଫାଇଦା ଉଠାଇ ଚାଲିଛନ୍ତି। ସେମାନେ ରାତିରେ ରାସ୍ତା ଉପରୁ ଏହି ପ୍ରାଣୀମାନଙ୍କୁ ଟ୍ରକ୍‌ରେ ଉଠାଇ ବାହାରକୁ ଚାଲାଣ କରି ମୋଟା ଅଙ୍କର ଅର୍ଥ ରୋଜଗାର କରୁଛନ୍ତି। ଏନେଇ ସାଧାରଣରେ ଅସନ୍ତୋଷ ସୃଷ୍ଟି ହୋଇଛି।

ଜଗତ୍‌ସିଂହପୁର ସହରର ଶ୍ରୀକୃଷ୍ଣ ଏକାଡେମୀ ପଡ଼ିଆ ପାର୍ଶ୍ୱରେ ଏକ କାଞ୍ଜିଆହୁଦା ବହୁ କାମରେ ଆସୁଥିଲା । କିନ୍ତୁ ଏହାର ରକ୍ଷଣାବେକ୍ଷଣ ଓ ସରକାରଙ୍କ ଆନ୍ତରିକତା ଅଭାବରୁ ଯୋଜନା ଫସର ଫାଟିଯାଇଛି । ଏହାଦ୍ୱାରା ସହର ସମେତ ଜିଲାର ବିଭିନ୍ନ ସ୍ଥାନରେ ଷଣ୍ଢ, ଗାଈ, ମଇଁଷି, ମାଙ୍କଡ଼ ଯୋଗୁ ବ୍ୟାପକ ଫସଲ ହାନି ଘଟୁଛି । ଏବେ ଅଧିକ ଦୁଗ୍ଧ ଉତ୍ପାଦନକାରୀ ଗାଈଙ୍କ ଚାହିଦା ବଢ଼ିଛି । ତେଣୁ ଲୋକେ ଏ ପ୍ରକାର ଗାଈ ରଖିବାକୁ ଇଚ୍ଛା ପ୍ରକାଶ କରୁଛନ୍ତି । ଗାଈ ଜନ୍ମ ଦେଲା ପରେ ମାଈ ଛୁଆ ହେଲେ ଖୁସି ହେବା ସହ ରଖୁଛନ୍ତି। ଅଣ୍ଡିରା ହେଲେ ଅନେକ ମହାଦେବଙ୍କ ନିକଟରେ ସମର୍ପଣ କରି ଦେଉଛନ୍ତି। ଏହାର କାରଣ ହେଉଛି ଆଗପରି ଆଉ ବିଲରେ ବଳଦର ଆବଶ୍ୟକତା ପଡୁନାହିଁ। ଟ୍ରାକ୍ଟର ସମେତ ଉନ୍ନତ କୃଷି ଯନ୍ତ୍ରପାତି ଚାରିଆଡ଼େ ବହୁଳ ବ୍ୟବହାର ହେଉଛି। ଅପରପକ୍ଷେ ଅଣ୍ଡିରା ବାଛୁରି ବଡ଼ ହୋଇ ଷଣ୍ଢ ହେଉଛନ୍ତି। ତା'ପରେ ସେମାନେ ଚାରିଆଡ଼େ ବୁଲି ଫସଲ ଖାଇବା ସହ ନଷ୍ଟ କରୁଛନ୍ତି। ଆଗେ କମ୍‌ସଂଖ୍ୟକ ଷଣ୍ଢ ଥିବା ବେଳେ ଏବେ ଏହି ସଂଖ୍ୟା ଆଶାତୀତ ଭାବେ ବଢ଼ିଯାଇଛି। ଜଗତ୍‌ସିଂହପୁର ସହରରେ ୫୦ରୁ ଅଧିକ ଷଣ୍ଢ ବୁଲୁଛନ୍ତି। ସେମାନେ ଯେ କେବଳ ସହର ଓ ପାଖଆଖ ଜମିର ଫସଲ ହାନି କରୁଛନ୍ତି ତାହା ନୁହେଁ, ଲୋକଙ୍କ ସାଧାରଣ ଜୀବନଯାତ୍ରାରେ ବାଧା ସୃଷ୍ଟି କରୁଛନ୍ତି। ଷଣ୍ଢ ଆକ୍ରମଣରେ ବିଗତ ଦିନରେ ସହରର ଏକାଧିକ ଲୋକ ଆହତ ହେବା ସହ କେତେଜଣଙ୍କର ମୃତ୍ୟୁ ହୋଇଥିବା ମଧ୍ୟ ନଜିର ଅଛି। ଷଣ୍ଢ ଓ ଗାଈଙ୍କ ଯୋଗୁ ସହରରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି । ଲୋକେ ନିରାପଦରେ ଯାତାୟାତ କରିପାରୁନାହାନ୍ତି। ଢେଙ୍କାନାଳ ବାବନ୍ଧରେ ୪୬୨ ଏକର ଜାଗାରେ କେନ୍ଦ୍ର ସରକାରଙ୍କ ସହାୟତାରେ ଏକ କେନ୍ଦ୍ର କରାଯାଇଥିଲା। ଏହି କେନ୍ଦ୍ରକୁ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ବୁଲା ଷଣ୍ଢ ନିଆଯାଇଥାଏ। କିନ୍ତୁ ଉକ୍ତ କେନ୍ଦ୍ରଟି ଦୀର୍ଘବର୍ଷ ହେବ ବନ୍ଦ ହୋଇଯାଇଛି । ଏବେ ଶୁଣିବାକୁ ମିଳୁଛି କେହି ଏହି କେନ୍ଦ୍ରରେ ଷଣ୍ଢ ଛାଡିଲେ ଦୈନିକ ୨୦ ଟଙ୍କା ହିସାବରେ ବାର୍ଷିକ ୭,୨୦୦ ଟଙ୍କା ଜମା କରିବାକୁ ପଡ଼ିବ। ତାହା ନ ହେଲେ ସେଠାରେ ଷଣ୍ଢ ଛାଡ଼ିବା ସମ୍ଭବ ନୁହେଁ । ଏହି କାରଣରୁ ଅନେକେ ଷଣ୍ଢଙ୍କୁ ସ୍ଥାନାନ୍ତର କଥା ଚିନ୍ତା କରିପାରୁନାହାନ୍ତି। ସବୁଠାରୁ ବଡ଼କଥା ହେଲା ସରକାର ଏହା ଉପରେ ନୀରବ। ଫଳରେ ଚାରିଆଡ଼େ ବୁଲା ଷଣ୍ଢ ଚିନ୍ତାର କାରଣ ହୋଇଛି । ଏ ସମ୍ପର୍କରେ ଜଗତ୍‌ସିଂହପୁର ଜିଲା ମୁଖ୍ୟ ପ୍ରାଣୀ ସମ୍ପଦ ଅଧିକାରୀ (ସିଡିଭି) ଓ ବୀର କିଶୋର ପରିଡ଼ାଙ୍କୁ ପଚାରିବାରୁ ସେ କହିଥିଲେ ଜିଲାରେ ପାଖାପାଖି ୨,୦୮,୦୦୦ ଗାଈଗୋରୁ ଅଛନ୍ତି। ଅତୀତରେ ଯେତିକି ଗାଈ ଜନ୍ମ କରୁଥିଲେ ସେଥିରୁ ୫୦ ପ୍ରତିଶତ ଅଣ୍ଡିରା ହେଉଥିଲେ। କିନ୍ତୁ ଏବେ ଉନ୍ନତମାନର ଟିକା ପ୍ରୟୋଗ ଯୋଗୁ ଏହି ସଂଖ୍ୟା ଯଥେଷ୍ଟ କମିଛି। ତଥାପି ବୁଲା ଗାଈଗୋରୁଙ୍କୁ ପ୍ରାଥମିକ ପର୍ଯ୍ୟାୟରେ ରଘୁନାଥପୁର ବ୍ଲକ ତାରପୁର ନିକଟରେ ଏକ ଅସ୍ଥାୟୀ କେନ୍ଦ୍ରରେ ରଖାଯିବା ପାଇଁ ଚିନ୍ତା କରାଯାଇଛି। ପିପୁଲ ଫର୍ ଆନିମଲ ଏହାର ଦାୟିତ୍ୱ ନେବ। ସେଠାରେ ଅସ୍ଥାୟୀ ଗୃହ ନିର୍ମାଣ ହେବ। ଏଥିସହ ଏରସମା ଓ ତାରପୁର ନିକଟରେ ୨ଟି ଗୋଶାଳା କରାଯିବ। ଆଗରୁ ଜିଲାରେ ପାରାଦୀପ ଓ ଜୟଶୋଳରେ ୨ଟି ଗୋଶାଳା କାମ କରୁଛି। ଜଗତ୍‌ସିଂହପୁର ସହର ନିକଟବର୍ତ୍ତୀ ଓଡ଼ିଶୋ ପାଖରେ ସରକାରଙ୍କ ତରଫରୁ ଏକ ଗୋଶାଳା ଓ କାଞ୍ଜିଆହୁଦା କରାଯିବାକୁ ସ୍ଥିର ହୋଇଛି। ଏନେଇ ୩ ଏକର ଜମି ଦରକାର। ସ୍ଥାନୀୟ ତହସିଲ ପକ୍ଷରୁ ଜମି ଯୋଗାଗଲେ ଗୃହ ନିର୍ମାଣ ଆରମ୍ଭ ହେବ। ଏଥିମଧ୍ୟରେ ସେ ଓ ଅତିରିକ୍ତ ତହସିଲଦାର କ୍ଷେତ୍ର ପରିଦର୍ଶନ କରି ଆସିଛନ୍ତି। ଏହା ହେଲେ ସେଠାରେ ପାଖାପାଖି ୧୫୦ଟି ଗାଈ, ଗୋରୁ ରହିବା ପାଇଁ ବ୍ୟବସ୍ଥା ହେବ। ସମସ୍ତ ଖର୍ଚ୍ଚ ସରକାର ବହନ କରିବେ। ଗତ ଦୁର୍ଗାପୂଜା ସମୟରେ ଜଗତ୍‌ସିଂହପୁର ପୌରାଞ୍ଚଳରୁ ୩୦ଟି ଗାଈଗୋରୁ ପାରାଦୀପ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ଏହି ସମୟରେ କେତେକ ମୁସଲମାନ ବ୍ୟକ୍ତି ବାଧା ସୃଷ୍ଟି କରିଥିଲେ। ଏହି ଗୋରୁ ସେମାନଙ୍କର ବୋଲି କହି ରାସ୍ତାରେ ଛାଡିଦେବାକୁ ଯୁକ୍ତି କରିଥିଲେ। ଜଗତ୍‌ସିଂହପୁର ପୌର ପରିଷଦ ସହାୟତାରେ ସମ୍ଭାବ୍ୟ ପରିସ୍ଥିତିକୁ ଏଡ଼ାଇ ଦିଆଯାଇଥିଲା। ଏ ସମ୍ପର୍କରେ ଜଗତ୍‌ସିଂହପୁର ପୌର ପରିଷଦ ଅଧକ୍ଷା ଅର୍ଚ୍ଚନା ସିଂହଙ୍କୁ ପଚାରିବାରୁ ସେ କହିଥିଲେ, ସମ୍ପ୍ରତି ଏହି ସମସ୍ୟା ଚିନ୍ତାଜନକ। ଯେହେତୁ ଏନେଇ ଜମି ଦରକାର ତେଣୁ ଜିଲାପାଳଙ୍କ ସହ ଆଲୋଚନା କରି କାଞ୍ଜିଆହୁଦା କରିବା ପାଇଁ ପଦକ୍ଷେପ ନେବୁ।



ବିଶ୍ୱ ମିତବ୍ୟୟିତା ଦିବସରେ ମୋବାଇଲ ସଞ୍ଚୟ ରଥକୁ ଜିଲାପାଳ ପାରୁଲ ପଟୱାରୀ ଉଦ୍‌ଘାଟନ କରୁଛନ୍ତି।

## ସଂକ୍ଷେପରେ

### ରାସ୍ତାରୁ ଗୁରୁତରଙ୍କୁ ଉଦ୍ଧାର କଲେ ବିଧାୟକ

ଜଗତ୍‌ସିଂହପୁର ଅଫିସ, ୩୦।୧୦: ରବିବାର କଟକ-ଜଗତ୍‌ସିଂହପୁର ୫୫ନଂ. ଜାତୀୟ ରାଜପଥର ନୂଆପୋଲ ନିକଟରେ ଏକ ବାଇକ୍ ଓ କାର ମୁହାଁମୁହିଁ ହେବାରୁ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। କାରଟି ଖସି ପଳାଇଥିବାବେଳେ ବାଇକ ଚାଳକ ତଥା ଜଗତ୍‌ସିଂହପୁର ଥାନା ଚଷାପଡ଼ା ଗ୍ରାମର ଲକ୍ଷ୍ମୀଧର ପଣ୍ଡା ଗୁରୁତର ଅବସ୍ଥାରେ ରାସ୍ତାରେ ଛଟପଟ ହେଉଥିଲେ। ଏହି ସମୟରେ ଉକ୍ତ ରାସ୍ତାରେ ସରକାରୀ ଦଳ ମୁଖ୍ୟ ସଚେତକ ତଥା ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି ଜଗତ୍‌ସିଂହପୁର ଆସୁଥିଲେ। ସେ ଗୁରୁତର ଅବସ୍ଥାରେ ଥିବା ପଣ୍ଡାଙ୍କୁ ତୁରନ୍ତ ଜିଲା ମୁଖ୍ୟ ଚିକିତ୍ସାଳୟ ନେବାକୁ ବ୍ୟବସ୍ଥା କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କଟକ ବଡ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ବିଧାୟକଙ୍କ ଏହି କାର୍ଯ୍ୟକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

### ବିଶ୍ୱ ମିତବ୍ୟୟିତା ଦିବସରେ ବୁଲିଲା ସଞ୍ଚୟ ରଥ

ଜଗତ୍‌ସିଂହପୁର ଅଫିସ, ୩୦।୧୦: ଜଗତ୍‌ସିଂହପୁର ଜିଲା ସଦର ମହକୁମାରେ ରବିବାର ବିଶ୍ୱ ମିତବ୍ୟୟିତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲାପାଳ ପାରୁଲ ପଟୱାରୀ ମୋବାଇଲ ସଞ୍ଚୟ ରଥକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ରଥ ଜିଲା ପରିକ୍ରମା କରି ସ୍ୱଳ୍ପ ସଞ୍ଚୟ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଇବ। ଅର୍ଥାତ୍ ଦୈନନ୍ଦିନ ଜୀବନରେ ନିଜର ଖର୍ଚ୍ଚକୁ କମ୍ କରି ଭବିଷ୍ୟତ ପାଇଁ ସଞ୍ଚୟ ରଖିବା ଉପରେ ବାର୍ତ୍ତା ଦେବ। କାର୍ଯ୍ୟକ୍ରମରେ ଜିଲା ସଂସ୍କୃତି ଅଧିକାରୀ ଦିଲୀପ କୁମାର ଜେନା, ଓରମାସ୍‌ର ପ୍ରଭାତ କୁମାର ଦାଶ, ସମୀର କୁମାର ସ୍ୱାଇଁ, ଶାରଦା ପ୍ରସନ୍ନ ସାହୁ, ରୀନା ସୋରେନ, କବିତା ମୁର୍ମୁ, ରାଧାକାନ୍ତ ଜେନା, ଦିଲୀପ କୁମାର ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ରଞ୍ଜନ କୁମାର ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

### ବଡ଼ଗାଁ ପଞ୍ଚାୟତରେ ମାରାଥନ ଉଦ୍‌ଘାଟନ

ବାଲିକୁଦା,୩୦।୧୦(ସ୍ୱ.ପ୍ର.): ବଡ଼ଗାଁ ପଞ୍ଚାୟତରେ ରବିବାର ମାର୍କେଟ କମ୍ପ୍ଲେକ୍ସ ସମେତ ବଡ଼ଗାଁ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ଆବାସିକ ଗୃହ, ପଞ୍ଚାୟତର ମିଶନ ଶକ୍ତି ଗୃହ, ଥଣ୍ଡା ପାନୀୟ ଜଳ ପ୍ରକଳ୍ପର ଉଦ୍‌ଘାଟନ କରାଯାଇଥିଲା । ବାଲିକୁଦା-ଏରସମା ବିଧାୟକ ରଘୁନନ୍ଦନ ଦାସ, ବ୍ଲକ ଅଧକ୍ଷ ପ୍ରକାଶ ପ୍ରଧାନ, ଜିଲା ପରିଷଦ ସଦସ୍ୟା ରୁନିଲତା ବେହେରା, ବିଡିଓ ଜିତେନ୍ଦ୍ର ନାୟକ, ସରପଞ୍ଚ ଟୁନିଲତା ବେହେରା ଓ ସମିତିସଭ୍ୟା ରତ୍ନପ୍ରିୟା ଶାସମଲ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଏସବୁ ପ୍ରକଳ୍ପକୁ ଉଦ୍‌ଘାଟନ କରିଥିଲେ। ଅପରାହ୍ନରେ ନୂଆଗାଁସ୍ଥିତ ମା' କରକେଇଙ୍କ ପ୍ରାଙ୍ଗଣରେ ଏକ ସଭା ଆୟୋଜନ କରାଯାଇଥିଲା ।

### ଅନୁଷ୍ଠାନ ଏକ ବୃକ୍ଷ ସଦୃଶ

ରଘୁନାଥପୁର,୩୦।୧୦(ଡି.ଏନ୍.ଏ.): ରଘୁନାଥପୁର ବ୍ଲକ ତାରପୁରସ୍ଥିତ ଜୟ କିଷାନ ମଲ୍ଟି ପରପସ କୋ-ଅପରେଟିଭ ସୋସାଇଟିର ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ଚଣ୍ଡୀପ୍ରସାଦ ସିଂହଙ୍କ ପୌରୋହିତରେ ଆୟୋଜିତ ଏହି ଉତ୍ସବରେ ଚାଟାର୍ଡ ଆକାଉଣ୍ଟାଣ୍ଟ ଯଯାତିକେଶରୀ ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗଦେଇ ଅଞ୍ଚଳବାସୀଙ୍କ ସହଯୋଗ ଓ ସହଭାଗିତାରେ ଗଢ଼ିଉଠିଥିବା ସଂସ୍ଥାର ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ। ମୁଖ୍ୟବକ୍ତାଭାବେ ଡେପୁଟି ମ୍ୟାନେଜର ଡିପିଏମ୍‌ୟୁ ସୁକାନ୍ତ କୁମାର ପ୍ରଧାନ ଯୋଗଦେଇ କହିଥିଲେ, ଅନୁଷ୍ଠାନ ଏକ ବୃକ୍ଷ ସଦୃଶ, ଆମ୍ଭେମାନେ ତାର ଚେର, ଶାଖା ଓ ପତ୍ର ଅଟୁ। କୌଣସି ସମୟରେ ବୃକ୍ଷକୁ ରୁଗ୍ଣ ହେବା ପାଇଁ ଦେବା ନାହିଁ ବୋଲି ପ୍ରଧାନ ଆଶାବ୍ୟକ୍ତ କରିଥିଲେ। ସେହିପରି ସେଣ୍ଟ୍ରାଲ କୋ-ଅପରେଟିଭ ବ୍ୟାଙ୍କ ରଘୁନାଥପୁର ଶାଖା ପରିଚାଳକ ଇତିଶ୍ରୀକାନ୍ତ ସ୍ୱାଇଁ ସଂସ୍ଥାରେ ସେବା ଯୋଗାଇ ଦେଉଥିବା କର୍ମଚାରୀଙ୍କୁ ପ୍ରଶଂସା କରିଥିଲେ। ପ୍ରାରମ୍ଭରେ ସମ୍ପାଦକ ନିମାଇଁ ଚରଣ ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିବାବେଳେ ଓ ଶିକ୍ଷାବିତ୍ ସୁବାସ ଚନ୍ଦ୍ର ନାୟକ ସଭା ପରିଚାଳନା କରିଥିଲେ। ଏହି ଅବସରରେ ଫିଲଡ୍ କର୍ମଚାରୀ ଲକ୍ଷ୍ମଣ ଦାଶଙ୍କୁ ବେଷ୍ଟ କୋ-ଅପରେଟିଭ ଆୱାର୍ଡ ଦିଆଯାଇଥିଲା। ସଂସ୍ଥାର ସିନିୟର ମ୍ୟାନେଜର ନାରାୟଣ ଚନ୍ଦ୍ର ଗିରି ଅତିଥି ପରିଚୟ ଓ ମନୋଜ କୁମାର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

## ବନ୍ଦର ଉପକୂଳରେ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ତଦାରଖ

**ପାରାଦୀପ,୩୦।୧୦(ସ୍ୱ.ପ୍ର.)**

### ଏମଏମଡି ସର୍ଭେୟରଙ୍କ ପାରାଦୀପ ଗସ୍ତ

ବନ୍ଦର ଭିତ୍ତିକ ଉପକୂଳରେ ପ୍ରଦୂଷଣ ନିୟନ୍ତ୍ରଣ ତଦାରଖ କରିବା ପାଇଁ ରବିବାର ଏମଏମଡି (ମର୍କାଣ୍ଟାଇଲ ମେରାଇନ ଡିପାର୍ଟମେଣ୍ଟ) ସର୍ଭେୟର ଆଶିଷ ୱାଙ୍ଖଡେ ପାରାଦୀପ ଗସ୍ତ କରିଛନ୍ତି। ସେ ବନ୍ଦର ପଣ୍ୟ କାରବାର ଦେଖିବା ସହ ସମୁଦ୍ର ବେଳାଭୂମି ବୁଲି ଦେଖିଥିଲେ। ଜାଗତିକ ସମୁଦ୍ର ପ୍ରଦୂଷଣ ନିୟନ୍ତ୍ରଣ କରି କିପରି ବୈଷୟିକ ଜ୍ଞାନ କୌଶଳ କରାଯାଇ ପାରିବ ସେ ସମ୍ପର୍କରେ କେତୋଟି ପରାମର୍ଶ ବ୍ୟହାରକାରୀ ସଂସ୍ଥାକୁ ଦେଇଥିଲେ। ଏହି ଅବସରରେ ସେ ସମୁଦ୍ର କୂଳରେ ସାଧବସିପିଂ ନାମକ କମ୍ପାନୀ, ସ୍ୱେଚ୍ଛାସେବୀ ସଂଗଠନ ଆଦର୍ଶପ୍ରୟାସ,ନୀଳଚକ୍ର ଆଦି କର୍ମକର୍ତ୍ତାଙ୍କସହଆଲୋଚନାକରିଥିଲେ।



ଏମଏମଡି ସର୍ଭେୟର ଆଶିଷ ୱାଙ୍ଖଡେଙ୍କ ସହ ଅନ୍ୟମାନେ।

## ମହିଳାମାନେ ଦାନ କଲେ ୧୦୫ ୟୁନିଟ୍ ରକ୍ତ

**ପାଟକୁରା,୩୦।୧୦ (ଡି.ଏନ.ଏ.)**

ପାଟକୁରା ବିଜୁ ମହିଳା ଜନତା ପକ୍ଷରୁ ଗରଦପୁର ବ୍ଲକ ତେଣ୍ଡାକୁଡା ପଞ୍ଚାୟତର ଫଜଲ ହକ୍ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଓଡ଼ିଶା ମୋ ପରିବାର ସଂଯୋଜନାରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ପାଟକୁରା ବିଧାୟିକା ସାବିତ୍ରୀ ଅଗ୍ରୱାଲ ଉଦ୍‌ଘାଟନ କରିଥିଲେ। ଏଥିରେ କେବଳ ମହିଳାମାନେ ୧୦୫ ୟୁନିଟ୍ ରକ୍ତଦାନ କରିଥିଲେ। ଅନୁଷ୍ଠିତ ସଭାରେ ମୋ ପରିବାରର ସଂଯୋଜକ ରଶ୍ମି ରଞ୍ଜନ ପ୍ରଧାନଙ୍କ ସଂଯୋଜନାରେ ପାଟକୁରା ବିଜେଡି ନେତା ସଞ୍ଜୟ ଅଗ୍ରୱାଲ, ଜିଲା ପରିଷଦ ସଭ୍ୟ ପ୍ରମୋଦ କୁମାର ରଥ, ଜିଲା ପରିଷଦ ସଭ୍ୟା ଏଲିଜା ସ୍ୱାଇଁଙ୍କ ସମେତ ବହୁ ବିଜେଡି ନେତା ଓ ପଞ୍ଚାୟତ ପ୍ରତିନିଧି ଉପସ୍ଥିତ ଥିଲେ। ଶିବିରକୁ ତେଣ୍ଡାକୁଡା ସରପଞ୍ଚ ମାନସ ରାଉତ, ବିଜେଡି ନେତା ସୟଦ ଜମିଲି ଅଖତର, ବ୍ଲକ ବିଜେଡି ସଭାପତି ଶଶାଙ୍କ ଶେଖର ପରିଡା, ପବିତ୍ର ପାଣି, ଅମୀୟ ପରିଜା ପ୍ରମୁଖ ପରିଚାଳନା କରିଥିଲେ।



ମଞ୍ଚରେ ବିଧାୟିକା ସାବିତ୍ରୀ ଅଗ୍ରୱାଲାଙ୍କ ସମେତ ଅନ୍ୟ ନେତୃମଣ୍ଡଳୀ।

## ବିଜେଡିର ଜନସମ୍ପର୍କ ପଦଯାତ୍ରା

**ନାଉଗାଁ,୩୦।୧୦(ସ୍ୱ.ପ୍ର.)**

ନାଉଗାଁ ବ୍ଲକ ୨ନମ୍ବର ଜୋନ ଅନ୍ତର୍ଗତ ଡେରିକି ପଞ୍ଚାୟତରେ ବିଜେଡିର ଜନସମ୍ପର୍କ ପଦଯାତ୍ରା ରବିବାର ଅନୁଷ୍ଠିତ ହୋଇଯାଇଛି। ଜଗତ୍‌ସିଂହପୁର ବିଧାୟକ ତଥା ସରକାରୀ ଦଳର ମୁଖ୍ୟ ସଚେତକ ପ୍ରଶାନ୍ତ କୁମାର ମୁଦୁଲିଙ୍କ ନେତୃତ୍ୱରେ ମଝିପଡା ଗାଁର ପତିତପାବନ ମଠରୁ ପଦଯାତ୍ରା ବାହାରି ପାଇକସାହି, ବନ୍ଧମୁଣ୍ଡା, ଗୋବରୀକୁଳ, ଡେରିକି ଆଦି ଗାଁ ଦେଇ ଗଙ୍ଗଦାହାଟ ନିକଟରେ ଥିବା କପିଳମୁନି ଆଶ୍ରମରେ ପହଞ୍ଚିଥିଲା। ସେଠାରେ ବ୍ଲକ ବିଜେଡି ଯୁବ ସଭାପତି ପ୍ରତ୍ୟୁଷ ପରିଡାଙ୍କ ପୌରୋହିତ୍ୟରେ ସଭା ଆୟୋଜନ କରାଯାଇଥିଲ। ଏଥିରେ ବିଧାୟକ ମୁଦୁଲିଙ୍କ ସମେତ ଏମ୍‌ପି ରାଜଶ୍ରୀ ମଲ୍ଲିକ, ପୂର୍ବତନ ବିଧାୟକ ଜ୍ୟୋତିଷ ଚନ୍ଦ୍ର ଦାସ, ଜିଲା ପରିଷଦ ଅଧକ୍ଷ ମନୋଜ ଭୋଇ, ଜିଲା ବିଜେଡି ଉପସଭାପତି ନଟବର ପ୍ରଧାନ, ନାଉଗାଁ ବ୍ଲକ ୧ ନଂ.ଜୋନ ଜିଲା ପରିଷଦ ସଭ୍ୟା ଅମିତା ସ୍ୱାଇଁ, ୨ନଂ. ଜୋନ ସଭ୍ୟା ମମତା ପରିଡା, ପଞ୍ଚାୟତ ସମିତି ଅଧକ୍ଷା ତୃଷ୍ଣା ଲେଙ୍କା, ଉପାଧକ୍ଷ ସୁଜିତ ପୁହାଣ ଓ ସରପଞ୍ଚ ପ୍ରଶାନ୍ତ କୁମାର ଜେନା ପ୍ରମୁଖ ଉପସ୍ଥିତ ରହି ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନା ଓ ଉନ୍ନୟନମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ଶତାଧିକ ଦଳୀୟ କର୍ମୀ ସାମିଲ ହୋଇଥିଲେ।

## ସତର୍କ ଦିବସ ପାଳିତ

**ପାରାଦୀପ, ୩୦।୧୦(ସ୍ୱ.ପ୍ର.)**

ପାରାଦୀପ ମଧୁବନ ଆମ୍ବେଦକର ଭବନରେ ଶନିବାର ମହାବାତ୍ୟାର ସ୍ମୃତିଚାରଣ ତଥା ସତର୍କ ଦିବସ ପାଳିତ ହୋଇଯାଇଛି। ମା'ଅମ୍ବିକାଇ ଗଣ ପରିଷଦ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଷ୍ଟେଟବ୍ୟାଙ୍କ ମ୍ୟାନେଜର ଆଲୋକ କୁମାର ସାହୁ, ସବିତା ମହାପାତ୍ର, ଦେବବ୍ରତ ସାହୁ ପ୍ରମୁଖ ଯୋଗ ଦେଇ ବାତ୍ୟା ବିଭୀଷିକା ସମ୍ପର୍କରେ ଆଲୋଚନା କରିଥିଲେ। ସଙ୍ଗଠନ ସଭାପତି ଧ୍ରୁବଚରଣ ମହାପାତ୍ର ଏଥିରେ ସଭାପତିତ୍ୱ କରିଥିଲେ।

## ଶ୍ରୀଜଗନ୍ନାଥ ଉଚ୍ଚ ବିଦ୍ୟାଳୟ ରୂପାନ୍ତରୀକରଣ ଶିଳାନ୍ୟାସ

**ନାଉଗାଁ,୩୦।୧୦(ସ୍ୱ.ପ୍ର.)**

ନାଉଗାଁ ବ୍ଲକ ଗାରୋଇସ୍ଥିତ ଶ୍ରୀ ଜଗନ୍ନାଥ ଉଚ୍ଚ ବିଦ୍ୟାଳୟ ରୂପାନ୍ତରିକରଣ ଶିଳାନ୍ୟାସ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଜଗତ୍‌ସିଂହପୁର ବିଧାୟକ ତଥା ସରକାରୀ ଦଳର ମୁଖ୍ୟ ସଚେତକ ପ୍ରଶାନ୍ତ କୁମାର ମୁଦୁଲି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି ଶିଳାନ୍ୟାସ କରିଥିଲେ। ଜିଲା ପରିଷଦ ଅଧକ୍ଷ ମନୋଜ ଭୋଇ, ନାଉଗାଁ ବ୍ଲକ ଜୋନ-୨ ଜିଲା ପରିଷଦ ସଭ୍ୟା ମମତା ପରିଡା, ପଞ୍ଚାୟତ ସମିତି ଅଧକ୍ଷା ତୃଷ୍ଣା ଲେଙ୍କା, ଉପାଧକ୍ଷ ସୁଜିତ ପୁହାଣ ପ୍ରମୁଖ ଉପସ୍ଥିତ ଥିଲେ। ପରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ରବିନ୍ଦ୍ର ସ୍ୱାଇଁଙ୍କ ପୌରୋହିତ୍ୟରେ ଏକ ସମ୍ବର୍ଦ୍ଧନା ସଭା ଆୟୋଜନ କରାଯାଇଥିଲା। ଏହି ଅବସରେ ବିଧାୟକ ମୁଦୁଲିଙ୍କ ସମେତ ଜିଲା କଳା ଉତ୍ସବରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ର ବିସ୍ମୟ ନାୟକ ଓ ଛାତ୍ରୀ ନିବେଦିତା ବିଶ୍ୱାଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ସୁକାନ୍ତ କୁମାର ଲେଙ୍କା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କ୍ରୀଡା ଶିକ୍ଷକ ପବିତ୍ର କୁମାର ସ୍ୱାଇଁ କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ।



ଶିଳାନ୍ୟାସ ଉତ୍ସବରେ ସରକାରୀ ଦଳର ମୁଖ୍ୟ ସଚେତକ ପ୍ରଶାନ୍ତ ମୁଦୁଲି ଓ ଅନ୍ୟମାନେ।

## 'ଶ୍ରମିକଙ୍କ ଅଧିକାର ଛଡ଼ାଇ ନେଇଛି କେନ୍ଦ୍ର'

**ବାଲିଆ,୩୦।୧୦(ସ୍ୱ.ପ୍ର.)**

### ସିଆଇଟିୟୁର ଜିଲାସ୍ତରୀୟ ସମ୍ମିଳନୀ

ସିଆଇଟିୟୁର ୪ର୍ଥ ଜିଲାସ୍ତରୀୟ ସମ୍ମିଳନୀ ବିରିଡ଼ିଠାରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସଭ୍ୟ ଉଲ୍ଲାସ ସ୍ୱାଇଁ ଓ ଲକ୍ଷ୍ମୀପ୍ରିୟା ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀକୁ ସିଆଇଟିୟୁ କେନ୍ଦ୍ର କାର୍ଯ୍ୟକମିଟି ସଭ୍ୟ କମ୍ରେଡ ଦୁଷ୍ମନ୍ତ ଦାସ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ କହିଥିଲେ, କେନ୍ଦ୍ର ସରକାର ୪୪ ଶ୍ରମକୋଡ୍‌କୁ ୪ ଶ୍ରମକୋଡ୍‌ରେ ପରିବର୍ତ୍ତନ କରି ଶ୍ରମିକମାନଙ୍କ ଅଧିକାର ଛଡାଇ ନେଇଛନ୍ତି। ଏତଦ୍‌ବ୍ୟତୀତ ଫିକ୍ସ ଟର୍ମ ନିଯୁକ୍ତି ପ୍ରଚଳନ ଦ୍ୱାରା ଅନେକ କର୍ମଚାରୀଙ୍କ ଭବିଷ୍ୟତ ଅନ୍ଧାରକୁ ଠେଲି ହୋଇଯାଇଛି। ଏହା ବିରୋଧରେ ଜନଆନ୍ଦୋଳନ କରିବାକୁ ସେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଜିଲା ସମ୍ପାଦକ ଲୋଭାକାନ୍ତ ସ୍ୱାଇଁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଥିଲେ। ଦରଦାମ ଆକାଶଛୁଆଁ ହେଉଥିବାବେଳେ ଶ୍ରମିକମାନଙ୍କର ମଜୁରିରେ ବୃଦ୍ଧି ଘଟୁନାହିଁ। ଅଥଚ ବିଧାୟକ, ଏମ୍‌ପି ଓ ମନ୍ତ୍ରୀମାନଙ୍କ ଦରମା ବଢ଼ିଚାଲିଛି ବୋଲି କହି ସେ କ୍ଷୋଭ ପ୍ରକାଶ କରିଥିଲେ। ସମ୍ମିଳନୀରେ ଆସନ୍ତା ୩ବର୍ଷ ପାଇଁ ଜିଲା କମିଟି ଗଠନ କରାଯାଇଥିଲା। ଏଥିରେ ଉଲ୍ଲାସ ସଭାପତି, ଲୋଭାକାନ୍ତ ସମ୍ପାଦକ, ବେଣୁଧର ବାରିକ କୋଷାଧକ୍ଷଭାବେ ମନୋନୀତ ହୋଇଥିଲେ। ସେହିପରି ଉପସଭାପତି ଭାବେ ଶରତଚନ୍ଦ୍ର ବେହେରା, ପ୍ରତାପସୂତାର, ଲକ୍ଷ୍ମୀପ୍ରିୟା ମହାପାତ୍ର, ସୂର୍ଯ୍ୟକାନ୍ତ ଜେନା ଏବଂ ସହସମ୍ପାଦକ ଭାବେ ନଟବର ପଲେଇ, ପ୍ରଫୁଲ ନାୟକ, ସୁଲୋଚନା ପରିଡା, କୃଷ୍ଣ ଚନ୍ଦ୍ର ବସ୍ତିଆଙ୍କୁ ଚୟନ କରାଯାଇଥିଲା। ସମ୍ମିଳନୀରେ ଜିଲାର ବିଭିନ୍ନ ବ୍ଲକରୁ ଶତାଧିକ ଶ୍ରମିକ ଯୋଗଦେଇ ଥିଲେ।



ଜିଲାସ୍ତରୀୟ ସମ୍ମିଳନୀରେ ଯୋଗଦେଇଥିବା ସିଆଇଟିୟୁର ନେତୃମଣ୍ଡଳୀ ।

# ମୌଳିକ ସୁବିଧା ପାଇଁ ବାଧକ ହେଉଛି ସେତୁ



ପୋଲ ନ ଥିବାରୁ ଲୋକେ ବିପଦ ସଂକୁଳ ଅବସ୍ଥାରେ ଡଙ୍ଗାରେ ନଦୀ ପାର ହେଉଛନ୍ତି।




ବତିଘରରେ ଫଲ୍ସ ପଏଣ୍ଟ।

- ସାମଗ୍ରିକ ବିକାଶ ଅପେକ୍ଷାରେ ବତିଘର ପଞ୍ଚାୟତ
- ଦୁର୍ଦ୍ଦଶାକୁ ଦ୍ୱିଗୁଣିତ କରୁଛି ରାସ୍ତା ସମସ୍ୟା
- ୨୦୧୬ରୁ ମିଳିଛି ପର୍ଯ୍ୟଟନ କ୍ଷେତ୍ର ମାନ୍ୟତା

**କେନ୍ଦ୍ରାପଡ଼ା ଅଫିସ, ୩୦।୧୦**

କେନ୍ଦ୍ରାପଡ଼ା ଜିଲା ସଦର ମହକୁମାର ୪୮ କିଲୋମିଟର ଦୂରରେ ମହାକାଳପଡା ବ୍ଲକ ବତିଘର ପଞ୍ଚାୟତ ଅବସ୍ଥିତ। ଏହି ପଞ୍ଚାୟତର ମାତ୍ର ୧୦ କିଲୋମିଟର ଦୂରରେ ଜଗତ୍‌ସିଂହପୁର ଜିଲାର ପାରାଦୀପ ଶିଳ୍ପାଞ୍ଚଳ। ଗୋଟିଏ ପାର୍ଶ୍ୱରେ ପ୍ରାଚୁର୍ଯ୍ୟ ରହିଥିବା ବେଳେ ଏପଟେ ବତିଘର ପଞ୍ଚାୟତବାସୀ ସଦର ମହକୁମାକୁ ବେଳ ଅବେଳରେ ଧାଇଁ ଯିବା ସମ୍ଭବ ନୁହେଁ। ଶିକ୍ଷା, ସ୍ୱାସ୍ଥ୍ୟ, ବିଦ୍ୟୁତ୍‌ଠାରୁ ପାନୀୟ ଜଳ ପର୍ଯ୍ୟନ୍ତ ସମସ୍ୟାରେ ପଞ୍ଚାୟତର ପ୍ରାୟ ୫ ହଜାର ଅଧିବାସୀ ହନ୍ତସନ୍ତ ହେଉଛନ୍ତି। ୮ଟି ରାଜସ୍ୱ ଗ୍ରାମକୁ ନେଇ ପଞ୍ଚାୟତ ଗଠନ ହୋଇଥିବା ବେଳେ ଏଠାରେ ଥିବା ବତିଘର ଓ ହୁକିଟୋଲାକୁ ୨୦୧୬ ମସିହାରେ ରାଜ୍ୟ ପର୍ଯ୍ୟଟନ କ୍ଷେତ୍ର ମାନ୍ୟତା ମିଳିଛି। ଏସବୁ ସତ୍ତ୍ୱେ ସାମଗ୍ରିକ ବିକାଶରେ ଖରିନାସୀ ସେତୁ, ପ୍ରତି ଗ୍ରାମକୁ ରାସ୍ତା ଓ ବନାଞ୍ଚଳର ମାନ୍ୟତା ବାଧକ ସାଜିଛି। ଉଦ୍‌ବେଗର ବିଷୟ ଯେ, ପଞ୍ଚାୟତରେ ସାକ୍ଷରତା ହାର ମାତ୍ର ୬୬.୧୨ ପ୍ରତିଶତ। ପ୍ରାୟ ୭୫ ପ୍ରତିଶତ ପୁରୁଷ ସାକ୍ଷର ହୋଇଥିବା ବେଳେ ୩୪ ପ୍ରତିଶତ ମହିଳା ପାଠ ପଢ଼ିବା ପାଇଁ ଆଗ୍ରହ ପ୍ରକାଶ କରିଥିବା ୨୦୧୧ ଜନଗଣନା ସୂଚନାରୁ ତଥ୍ୟ ମିଳିଛି। ଚାଷ ଓ ମାଛ ଏହି ଅଞ୍ଚଳବାସୀଙ୍କ ଜୀବିକା। ବତିଘର, ଫଲସ ପଏଣ୍ଟ, ହୁକିଟୋଲାକୁ ପର୍ଯ୍ୟଟନ ଭିତ୍ତିଭୂମି ଯୋଗାଇଲେ ଆର୍ଥିକ ବିକାଶ ହୋଇପାରିବ। ସେହିପରି ଶିଳ୍ପକୁ ଅପେକ୍ଷା କରିଥିବା ଯୁବବର୍ଗଙ୍କୁ ଉପଯୁକ୍ତ ତାଲିମ, ବ୍ୟାଙ୍କ ଋଣ ଆଦି ସହଯୋଗ ଆବଶ୍ୟକତା ଅଛି। ଜଗତ୍‌ସିଂହପୁର ଜିଲା ଶିଳ୍ପ ଦ୍ୱାରା ଏଠାରେ ନଷ୍ଟ ହେଉଥିବା ପରିବେଶକୁ ସଜାଡିବା ସମ୍ପର୍କରେ ସ୍ଥାନୀୟ ଅଧିବାସୀ ଓ ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି।

ଏ ସମ୍ପର୍କରେ ସ୍ଥାନୀୟ ଅଧିବାସୀ ରବୀନ୍ଦ୍ର କୁମାର ଦାସ, ସୁଦର୍ଶନ ରାୟ, ନୀଳମାଧବ ମଣ୍ଡଳ, ସୁଭଦ୍ରା ରାୟ, ସାମାଜିକ କର୍ମୀ ବାନାମ୍ବର ସାହୁ ପ୍ରମୁଖ କହିଛନ୍ତି, ଦେଶ ସ୍ୱାଧୀନ ହେବାର ୭୫ ବର୍ଷରେ ଅମୃତ ମହୋତ୍ସବ ପାଳନ ହେଉଛି। ଏହି ସମୟରେ ବତିଘର ପଞ୍ଚାୟତବାସୀ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ପରି ମୌଳିକ ସମସ୍ୟାରେ ଛନ୍ଦି ହୋଇପଡିଛନ୍ତି। ପ୍ରାକୃତିକ ପରିବେଶରେ ଭରପୂର ଏହି ପଞ୍ଚାୟତବାସୀଙ୍କ ପାଠପଢ଼ା ଓ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ଅବସ୍ଥାରେ ଅଛି। ପଡୋଶୀ ଜଗତ୍‌ସିଂହପୁର ଜିଲା ଶିଳ୍ପରୁ ବାହାରୁଥିବା ବର୍ଜ୍ୟବସ୍ତୁ ନଦୀଜଳରେ ଛଡାଯାଉଥିବା ବେଳେ ବାୟୁ, ଜଳ ଦୂଷିତ ହେଉଛି। ଫଳରେ ଚର୍ମ ରୋଗଠାରୁ ଆରମ୍ଭ କରି କର୍କଟ ରୋଗ ଏଠାରେ ଦେଖାଯାଉଛି। ପଞ୍ଚାୟତ ଅଧୀନରେ ହୁକିଟୋଲା, ବତିଘର, ଫଲ୍‌ସ ପଏଣ୍ଟ ଇଂରେଜ ଶାସନ ଓ ନୌବାଣିଜ୍ୟର ସ୍ୱାକ୍ଷର ବହନ କରୁଛି। ଖରିନାସୀ ନଦୀକୂଳରେ ଥିବା ଏହି ବତିଘର ୧୮୩୬ ଡିସେମ୍ବରରେ ନିର୍ମାଣ ଆରମ୍ଭ ହୋଇଥିଲା। ୧୮୩୭ ଅକ୍ଟୋବର ୧୬ରେ ଏଠାରେ ପ୍ରଥମଥର ପାଇଁ ଆଲୋକ ପ୍ରଜ୍ୱଳନ କରାଯାଇଥିଲା। ଯାହା ଅଦ୍ୟାବଧି କାର୍ଯ୍ୟକ୍ଷମ ଅଛି। ୨୦୧୬ରୁ ଏହି ସ୍ଥାନ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପାଇଥିଲେ ମଧ୍ୟ ଏହା ଏବେ ବି ଅବହେଳିତ ହୋଇରହିଛି। ୧୨୫ ଫୁଟ ଉଚ୍ଚତା ବିଶିଷ୍ଟ ଏହି ବତିଘର ପରିସରରେ ଖ୍ରୀଷ୍ଟିଆନ ଧର୍ମାବଲମ୍ବୀଙ୍କ ପଥର ନିର୍ମିତ ପୁରାତନ କବର ଓ କୂଅ ଅଛି। ଏହି ଐତିହ୍ୟସ୍ଥଳର ଭିତ୍ତିଭୂମି ସୁଦୃଢ଼ ସହ ଜିଲାର ଗ୍ରାମୀଣ ହସ୍ତଶିଳ୍ପ ଉତ୍ପାଦ ବିକ୍ରି ପାଇଁ ଏକ ସୁଦୃଶ୍ୟ ମଣ୍ଡି ଖୋଲା ଗଲେ ପର୍ଯ୍ୟଟନ କ୍ଷେତ୍ରର ଶ୍ରୀବୃଦ୍ଧି ହେବ। ତୁରନ୍ତ ସ୍ୱାସ୍ଥ୍ୟସେବା ପାଇଁ ବୋଟ୍ ଆମ୍ବୁଲାନ୍ସ ବ୍ୟବସ୍ଥା ହୋଇଛି। ତେବେ ଏହା ପର୍ଯ୍ୟାପ୍ତ ନୁହେଁ। ଖରିନାସୀ ସେତୁ ନିର୍ମାଣ ବିଳମ୍ବଜନିତ କାରଣରୁ ଏହି ପଞ୍ଚାୟତକୁ ଅଦ୍ୟାବଧି ଅଗ୍ନିଶମ ଗାଡି, ଆମ୍ବୁଲାନ୍ସ ଆସିପାରୁନାହିଁ। ଶିକ୍ଷାକୁ ନେଇ ସଚେତନତା ନ ଥିବାରୁ ବାଲ୍ୟ ବିବାହ ଏଠାରେ ଦେଖିବାକୁ ମିଳୁଛି। ସେହିପରି ବନାଞ୍ଚଳକୁ କେତେକ ଜବରଦଖଲ କରିଥିବାରୁ ଏଥିପ୍ରତି କାର୍ଯ୍ୟାନୁଷ୍ଠାନ ଆବଶ୍ୟକ। ଉନ୍ନୟନ କାର୍ଯ୍ୟ ପାଇଁ ସାମଗ୍ରୀ ପରିବହନରେ ସେତୁ ହିଁ ବାଧକ ସାଜିଛି। ସେହିପରି ପ୍ରତି ଗ୍ରାମକୁ ରାସ୍ତା, ତଟବନ୍ଧକୁ ଉଚ୍ଚା କରିବା, ହେନ୍ତାଳ ବଣର ସୁରକ୍ଷାକୁ ମତଦାତାମାନେ ଗୁରୁତ୍ୱ ଦେଇଛନ୍ତି। ଏ ସମ୍ପର୍କରେ ଏଡିଏମ୍ ପୀତାମ୍ବର ସାମଲଙ୍କୁ ପଚାରିବାରେ ଉପାନ୍ତ ଅଞ୍ଚଳରେ ଥିବା ଏହି ପଞ୍ଚାୟତ ବନ୍ୟା, ବାତ୍ୟା ପରି ପ୍ରାକୃତିକ ବିପର୍ଯ୍ୟୟ ଘେରରେ ଅଛି। ଅଞ୍ଚଳବାସୀଙ୍କ ବିଭିନ୍ନ ସମସ୍ୟାର ନିରାକରଣ ବ୍ୟବସ୍ଥା ଜିଲା ପ୍ରଶାସନ, ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ କରାଯାଉଛି। ଖରିନାସୀ ସେତୁ ନିର୍ମାଣକୁ ଅଧିକ ଗୁରୁତ୍ୱ ଦିଆ ଯାଇଥିବା ସେ କହିଛନ୍ତି।

## ସଂକ୍ଷେପରେ

### ୧୦.୫୦ ଗ୍ରାମ ବ୍ରାଉନ ସୁଗାର ଜବତ

ଜଗତ୍‌ସିଂହପୁର ଅଫିସ, ୩୦।୧୦: ଜଗତ୍‌ସିଂହପୁର ଥାନା ଅନ୍ତର୍ଗତ ହାଟ ବଜାରରୁ ରବିବାର ୧୦.୫୦ ଗ୍ରାମ ବ୍ରାଉନ ସୁଗାର ଜବତ ହୋଇଛି। ଏହି ଅଭିଯୋଗରେ ଗାଲୁପଡ଼ା ଗ୍ରାମର ସୁବାସ ଚନ୍ଦ୍ର ସେଠୀ ଓରଫ ପାଗଲ (୩୭)ଙ୍କୁ ଗିରଫ କରାଯାଇଛି। ଏନେଇ ଥାନାରେ ମାମଲା (ନଂ. ୭୨୨/୨୨) ରୁଜୁ ହୋଇଛି।

### ଅଗ୍ନିବିପନ୍ନ ପରିବାରକୁ ଭେଟିଲେ ପୂର୍ବତନ ବିଧାୟକ



ରାଜନଗର,୩୦।୧୦(ଡି.ଏନ.ଏ.): ରାଜନଗର ବ୍ଲକ ମହୁଲିଆ ପଞ୍ଚାୟତର ପୋଖରିଆ ଗାଁର ଦିବାକର ବେହେରାଙ୍କ ଶନିବାର ୪ ବଖରା ନିଆଁଲାଗି ସମ୍ପୂର୍ଣ୍ଣ ପୋଡି ଯାଇଛି। ଅଗ୍ନିକାଣ୍ଡରେ ଦିବାକରଙ୍କ ଘରର ସମସ୍ତ ଆସବାବପତ୍ର ପୋଡି ପାଉଁଶ ହୋଇଯାଇଛି। ରବିବାର ଖବରପାଇ ପୂର୍ବତନ ବିଧାୟକ ତଥା ଜିଲା କଂଗ୍ରେସ ସଭାପତି ଅଂଶୁମାନ ମହାନ୍ତି ବିପନ୍ନ ପରିବାରଙ୍କୁ ଭେଟି ସମବେଦନା ଜଣାଇବା ସହ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ କଂଗ୍ରେସ ସଭାପତି ଦେବେନ୍ଦ୍ର କୁମାର ଜେନା, ଅଶୋକ କୁମାର ବଳ, ସନ୍ତୋଷ କୁମାର ମହାନ୍ତି, ରଞ୍ଜନ କୁମାର ମହାନ୍ତି, ମାଗୁଣି ଚରଣ ଲେଙ୍କା, ବିରଞ୍ଚି ନାରାୟଣ ଦାସ, ଶତ୍ରୁଘ୍ନ ପରିଡା, ସରୋଜ କୁମାର ଜେନା, ଦାମୋଦର ମହାନ୍ତି, ସତ୍ୟବ୍ରତ ପାଣି, ନିରାକାର ଓଝା, ମେଘୁ ବେହେରା, ଟୁଲୁ ସାହୁ ପ୍ରମୁଖ ଅଗ୍ନିବିପନ୍ନଙ୍କୁ ଭେଟି ସମବେଦନା ଜଣାଇଛନ୍ତି।

### ମଦନପୁର କଟ୍‌ଠାରେ ଗୋଶାଳା ନିର୍ମାଣ ପାଇଁ ବୈଠକ

ପଟ୍ଟାମୁଣ୍ଡାଇ,୩୦।୧୦(ସ୍ୱ.ପ୍ର.): ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଦିନକୁ ଦିନ ବୁଲା ଗୋରୁଙ୍କର ଉପଦ୍ରବ ବଢ଼ିବାରେ ଲାଗିଛି। ରାସ୍ତାରେ ବୁଲା ଗୋରୁ ଷଣ୍ଢ ବୁଲିବା ଯୋଗୁ ପଟ୍ଟାମୁଣ୍ଡାଇ-ରାଜନଗର ରାସ୍ତାରେ ଦୁର୍ଘଟଣା ବଢ଼ିବାରେ ଲାଗିଛି। ଏଥିରେ ୨ ଜଣଙ୍କ ଜୀବନ ବି ଯାଇଛି। ଅନେକ ସମୟରେ ଗୋରୁ ଆହତ ହେଉଛନ୍ତି। ପଟ୍ଟାମୁଣ୍ଡାଇରେ ଥିବା ପ୍ରାଣୀ ଚିକିତ୍ସାଳୟରେ ଆହତ ଗୋରୁଙ୍କ ଠିକ୍ ଭାବେ ଚିକିତ୍ସା କରାଯାଉନାହିଁ। ବରଂ ଆହତ



ଗୋରୁମାନଙ୍କୁ ସନ୍ଧ୍ୟାରେ ଚିକିତ୍ସା କେନ୍ଦ୍ର ବାହାରକୁ ଘଉଡ଼ାଇ ଦିଆଯାଉଛି। ଗୋରୁଙ୍କର ସୁରକ୍ଷା ପାଇଁ କ୍ରିୟାଯୋଗୀ ପରମହଂସ ପ୍ରଜ୍ଞାନନ୍ଦଜୀ ପଟ୍ଟାମୁଣ୍ଡାଇ ମଦନପୁର କଟ୍ ନିକଟରେ ଗୋଶାଳା ତିଆରି ପାଇଁ ରବିବାର ସଂସାରଫଳ ଗୁପ୍ତେଶ୍ୱର ମହାଦେବ ପୀଠରେ ପ୍ରସ୍ତୁତି ବୈଠକ ହୋଇଯାଇଛି। ଉତିକୋଣ ଅଞ୍ଚଳର କୃଷକମାନଙ୍କ ଚାଷ ଜମିରେ ବୁଲା ଗୋରୁ ଓ ଷଣ୍ଢମାନେ ବିଚରଣ କରି ଫସଲ ନଷ୍ଟ କରୁଛନ୍ତି। ଫଳରେ ଧାରକରଜ କରି ଚାଷ କରିଥିବା ଚାଷୀ କ୍ଷତି ସହିବାକୁ ପଡୁଛି। କ୍ରିୟାଯୋଗୀ ପରମହଂସ ପ୍ରଜ୍ଞାନାନନ୍ଦ ପଟ୍ଟାମୁଣ୍ଡାଇ ବ୍ଲକ ସଂସାରଫଳ ପଞ୍ଚାୟତ ମଦନପୁରଠାରେ ପ୍ରଜ୍ଞାନ ମିଶନ ପକ୍ଷରୁ ଏକ ଗୋଶାଳା ମାଧ୍ୟମରେ ବୁଲା ଗୋରୁମାନଙ୍କୁ ରଖି ଚାଷୀଙ୍କ ଫସଲକୁ ସୁରକ୍ଷା ଦେବାକୁ ପରିକଳ୍ପନା କରାଯାଇଛି। ଉତିକଣ ଚାଷୀ ମୂଳିଆ ସଂଘ ଆବାହକ ଭାସ୍କର ରାଉତରାୟଙ୍କ ପୌରୋହିତ୍ୟରେ ଆୟୋଜିତ ପ୍ରସ୍ତୁତି ବୈଠକରେ ସଂସାରଫଳ ସରପଞ୍ଚ ପ୍ରତିନିଧି ଶିବ ପ୍ରସାଦ ସାମନ୍ତରାୟ, ସାମାଜିକ କର୍ମୀ କୈଳାସ ମହାନ୍ତି, ପ୍ରାଧାପିକା ଭଗବତୀ ରାଉତ, ନଳିନୀକାନ୍ତ ସ୍ୱାଇଁ, ନଟବର ସେଠୀ, ଶିକ୍ଷାବିତ୍ ପ୍ରଫୁଲ୍ଲ ଶତପଥୀ, ଭଗବାନ ଦାଶ, କାଶୀନାଥ ନାୟକ ପ୍ରମୁଖ ଯୋଗଦେଇଥିଲେ। ସ୍ୱାମିଜୀଙ୍କ ପ୍ରସ୍ତାବିତ ଗୋଶାଳା ଗୋ ମାତା ସେବା ବ୍ୟତିରକେ ଚାଷୀ ଫସଲକୁ ସୁରକ୍ଷା ଦେବାରେ ସହାୟକ ହୋଇପାରିବ ବୋଲି ମତପ୍ରକାଶ କରିଥିଲେ। ଗୋଶାଳା ଖୋଲିବା ପ୍ରସ୍ତାବକୁ ସବୁ ମହଲରେ ସ୍ୱାଗତ କରିଛନ୍ତି। ଏ ସମ୍ପର୍କରେ ଉତିକଣ ଚାଷୀ ମୂଳିଆ ସଂଘ ପକ୍ଷରୁ କେନ୍ଦ୍ରାପଡ଼ା ଜିଲାପାଳଙ୍କୁ ଗୋଶାଳା ନିର୍ମାଣ ପ୍ରସ୍ତାବ ସମ୍ପର୍କରେ ଅବଗତ କରାଯିବା ସହ ସ୍ମାରକପତ୍ର ପ୍ରଦାନ କରିବ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି।




ରାଜନଗର ଶ୍ରୀ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଭିତରକନିକାକୁ ଷ୍ଟଡି ଟୁରରେ ଯାଉଛନ୍ତି।

## ଭିତରକନିକାରେ ଉଦ୍ଭିଦ ବିଜ୍ଞାନ ସ୍ନାତକଙ୍କ ଷ୍ଟଡି ଟୁର

**ରାଜନଗର,୩୦।୧୦(ଡି.ଏନ.ଏ.)**

ରାଜନଗର ଶ୍ରୀ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଲାଇଫ ସାଇନ୍ସ ବିଭାଗର ଛାତ୍ରୀଛାତ୍ରମାନେ ବିଶ୍ୱ ପ୍ରସିଦ୍ଧ ଭିତରକନିକା ଜାତୀୟ ଉଦ୍ୟାନ ଭିତରେ ଷ୍ଟଡି ଟୁର କରିଛନ୍ତି। ଏହି ଷ୍ଟଡି ଟୁର ସମୟରେ ହେନ୍ତାଳ ବଣ, ଜୈବ ବିବିଧତା ସମ୍ବନ୍ଧରେ ଛାତ୍ରୀଛାତ୍ରମାନେ ଜ୍ଞାନ ଆହରଣ କରିଥିଲେ। ଛାତ୍ରୀଛାତ୍ରଙ୍କୁ ଭିତରକନିକାର ଜୀବ ଜନ୍ତୁ, ସରୀସୃପ, ଲୁଣା ଜଙ୍ଗଲ, ବିଭିନ୍ନ ପ୍ରକାରର ପକ୍ଷୀ, ବଉଳା କୁମ୍ଭୀର ସମ୍ବନ୍ଧରେ ରାଜନଗର ଅତିରିକ୍ତ ବନ ସଂରକ୍ଷିକା ପୁନମ ହାରା ହାଁସଦା, ଡାଙ୍ଗମାଳ ବନପାଳ କପିଳେନ୍ଦ୍ର ପ୍ରଧାନ, ଇକୋ ଗାଇଡ ନିରାକାର ବେହେରା ସୂଚନା ପ୍ରଦାନ କରିଥିଲେ। ଏଥିରେ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ଅତୁଳ ବଳ, ଉଦ୍ଭିଦ ବିଜ୍ଞାନ ସ୍ନାତକ ବିଭାଗର ମୁଖ୍ୟ ପ୍ରାଧ୍ୟାପିକା ରାଜଶ୍ରୀ ସାମନ୍ତ, ପ୍ରାଣୀ ବିଜ୍ଞାନର ମୁଖ୍ୟ ଅଧ୍ୟାପିକା ଅନୁସୂୟା ବେହେରାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରମାନେ ଷ୍ଟଡି ଟୁର ମାଧ୍ୟମରେ ଭିତରକନିକା ସମ୍ବନ୍ଧରେ ବହୁ ଜ୍ଞାନ ଆହୋରଣ କରିଥିଲେ। ଛାତ୍ରୀଛାତ୍ରମାନେ ଏହି ଷ୍ଟଡି ଟୁର ମାଧ୍ୟମରେ ସେମାନଙ୍କର ପ୍ରକଳ୍ପ ପ୍ରସ୍ତୁତ କରୁଛନ୍ତି।

## ବ୍ଲକସ୍ତରୀୟ ପଞ୍ଚାୟତ ୪ର୍ଥ ଶ୍ରେଣୀ କର୍ମଚାରୀ ସଂଘ ବୈଠକ



ବୈଠକରେ ଯୋଗଦେଇଥିବା ପଞ୍ଚାୟତଗୁଡିକର ୪ର୍ଥ ଶ୍ରେଣୀ କର୍ମଚାରୀ।

**ରାଜନଗର,୩୦।୧୦(ଡି.ଏନ.ଏ.)**

ରାଜନଗର ବ୍ଲକ ପଞ୍ଚାୟତଗୁଡିକର ୪ର୍ଥ ଶ୍ରେଣୀ କର୍ମଚାରୀ ସଂଘର ବ୍ଲକସ୍ତରୀୟ ବୈଠକ ରବିବାର ରାଜନଗର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ବିଷ୍ଣୁ ଚରଣ ବଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପଞ୍ଚାୟତର ୪ର୍ଥ ଶ୍ରେଣୀ କର୍ମଚାରୀଙ୍କ ୮ଦଫା ଦାବି ସରକାର ପୂରଣ କରିବାକୁ ପ୍ରସ୍ତାବ ଗୃହୀତ ହୋଇଛି। ଦାବିଗୁଡିକ ମଧ୍ୟରେ ସ୍ଥାୟୀ ନିଯୁକ୍ତି, ନିୟମିତ ଦରମା, ସମାନ କାମକୁ ସମାନ ଦରମା, ୨୦୧୪ ମସିହା ୧୨୫ ନିୟମକୁ ଉଚ୍ଛେଦ, ବଜେଟରେ ସ୍ୱତନ୍ତ୍ର ବ୍ୟବସ୍ଥା ରଖିବା, ପଞ୍ଚାୟତିରାଜ ବିଧି ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ କରିବା, ଶିକ୍ଷାଗତ ଯୋଗ୍ୟତା ଆଧାରରେ ପଦୋନ୍ନତି ଦେବା। ଶ୍ରମ ନିୟୋଜନ ବିଭାଗର କାଟାଗୋରୀରେ ଶ୍ରମିକମାନଙ୍କୁ ପଞ୍ଜୀକୃତ କରିବା, ଦୈନିକ ମଜୁରୀ ବୃଦ୍ଧି, କର୍ମଚାରୀଙ୍କ ମୃତ୍ୟୁ ହେଲେ ସରକାରୀ ଅନୁକମ୍ପା ମୂଳକ ସହାୟତା ପ୍ରଭୃତି ଦାବିଗୁଡିକ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ଦାବିଗୁଡିକୁ ପୂରଣ କରା ନ ଗଲେ ଆଗାମୀଦିନରେ କର୍ମଚାରୀମାନେ ସେମାନଙ୍କ ପିଲାଛୁଆ ଧରି ବିଧାନସଭା ସମ୍ମୁଖରେ ଧାରଣା ଦେବା ସହ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ୪ର୍ଥ ଶ୍ରେଣୀ କର୍ମଚାରୀ ସଂଘର ବଳରାମ ରାଉତ, ପଞ୍ଚାନନ ବାରିକ, ପରମେଶ୍ୱର ଜେନା, ସୁରେଶ ଚନ୍ଦ୍ର ରାଉତ, ମାୟାଧର ଜେନା, ଅର୍ଜ୍ଜୁନ ଚରଣ ବେହେରା, କମଳା କାନ୍ତ ରାଉଳ, ବାସୁଦେବ ଜେନା, ପ୍ରତାପ କୁମାର ଖଣ୍ଡୁଆଳ, ଦେବ ଦୁଲାଳ ଜେନା, ବାସୁଦେବ ସାହୁ, ଅକ୍ଷୟ ପରିଡା, ରମେଶ ମଲ୍ଲିକ ପ୍ରମୁଖ କହିଛନ୍ତି।

## ମହାବାତ୍ୟାର ଅନୁଭୂତି ଲୋକଙ୍କ ମନରେ ଏବେବି ସତେଜ

**ରାଜନଗର,୩୦।୧୦(ଡି.ଏନ.ଏ.)**

୧୯୯୯ ମହାବାତ୍ୟା ଥିଲା ଶତାବ୍ଦୀର ସବୁଠୁ ଭୟଙ୍କର ପ୍ରାକୃତିକ ବିପର୍ଯ୍ୟୟ। ଯେତେବେଳେ ଅକ୍ଟୋବର ୨୯ ତାରିଖ ପାଖେଇ ଆସେ ବଙ୍ଗୋପସାଗର ତଟବର୍ତ୍ତୀ ରାଜନଗର ବ୍ଲକର ସମୁଦ୍ର କୂଳିଆ ଲୋକଙ୍କ ଆଖି ଆଗରେ ମହାବାତ୍ୟାର ଅନୁଭୂତି ଏବେ ବି ସତେଜ ହୋଇ ରହିଛି। ମହାବାତ୍ୟାର କାଳରାତ୍ରୀର କରାଳ ଦୃଶ୍ୟ ଏବଂ ପ୍ରାକୃତିକ ବିପର୍ଯ୍ୟୟର ସମ୍ବନ୍ଧରେ ଏକ ଆଲୋଚନା ଚକ୍ର ରାଜନଗର ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ବିଡିଓ ରବୀନ୍ଦ୍ର କୁମାର ପ୍ରଧାନଙ୍କ ଅଧକ୍ଷତାରେ ମହାବାତ୍ୟା ପ୍ରାକୃତିକ ବିପର୍ଯ୍ୟୟ ଦିବସ ପାଳନ କରାଯାଇଛି। ମୁଖ୍ୟଅତିଥି ଭାବେ ପଞ୍ଚାୟତ ସମିତି ଅଧକ୍ଷା ପ୍ରତିଭା ପାତ୍ର, କେନ୍ଦ୍ରାପଡ଼ା ଜିଲାପରିଷଦ ଉପାଧକ୍ଷ ଅଶୋକ କୁମାର ପ୍ରତିହାରୀ, ତହସିଲଦାର ଅଶ୍ୱିନୀ କୁମାର ଭୂୟାଁ, ବ୍ଲକ ଉପାଧକ୍ଷ ଗଣେଶ ଗୁଡିଆ, ୩୨ ନଂ. ଜୋନ ଜିଲାପରିଷଦ ସଭ୍ୟା ଝୁକୁମିନା କୁଅଁର ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ଶୂନ୍ୟ ମୃତାହତ ମିଶନ ଯୋଗୁ ବିଶ୍ୱସ୍ତରରେ ପୁରସ୍କୃତ ହୋଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଇତିହାସ ରଚନା କରିଛନ୍ତି ବୋଲି କହିଥିଲେ। ଚଳିତବର୍ଷ ରଙ୍ଗଣୀ ପଞ୍ଚାୟତ ପଟ୍ଟାପାରିଆ ବାତ୍ୟା ଆଶ୍ରୟସ୍ଥଳର ବାତ୍ୟା ପୂର୍ବବର୍ତ୍ତୀ, ପରବର୍ତ୍ତୀ ପ୍ରସ୍ତୁତି ଓ ପରିଚାଳନା ପାଇଁ ରାଜ୍ୟରେ ୨ୟ ସ୍ଥାନ ଅଧିକାର କରିଥିବାରୁ ଅନୁଷ୍ଠିତ ସଭାରେ ପ୍ରଶଂସା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଖବରଦାତା ଭାସ୍କର ରାଉତରାୟ, ସାତଭାୟା ସରପଞ୍ଚ ପ୍ରସନ୍ନ କୁମାର ପରିଡା, କୋଇଲିପୁର ସରପଞ୍ଚ ଦିଲୀପ କୁମାର ରାଉତ ପ୍ରମୁଖ ବାତ୍ୟା ଆଶ୍ରୟସ୍ଥଳର ବିପର୍ଯ୍ୟସ୍ତ ଅବସ୍ଥାକୁ ସୁଧାରିବା କ୍ଷେତ୍ରରେ ପ୍ରଶାସନ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ଏଥିସହ ୨୦୧୩ ଫାଇଲିନ, ୨୦୧୪ ହୁଡହୁଡ, ୨୦୧୮ ତିତିଲି, ୨୦୧୯ ଫନି ଏବଂ ୨୦୨୦ ଅମ୍ଫାନ ବାତ୍ୟାର ବିଭିଷିକା ସମ୍ବନ୍ଧରେ ଅତିଥିମାନେ ଆଲୋଚନା କରିଥିଲେ। ଶେଷରେ ମହାବାତ୍ୟାର ସ୍ମୃତିର ସ୍ମାରକୀ ପାଇଁ ୧୯୯୯ ମହାବାତ୍ୟାରେ ପ୍ରାଣ ହରାଇଥିବା ଲୋକଙ୍କ ଉଦ୍ଦେଶ୍ୟରେ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ବିଡିଓ ପ୍ରଧାନ ମହାବାତ୍ୟାର ପୂର୍ତ୍ତୀ ଅବସରରେ ସଂକଳ୍ପ ପତ୍ର ପାଠ କରିଥିଲେ। ଅଗ୍ନିଶମ ବିଭାଗ ଅଧିକାରୀ ବନମାଳି ମାଝି ଓ କର୍ମଚାରୀ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ବିପନ୍ନ ଲୋକଙ୍କୁ କିପରି ଉଦ୍ଧାର କରାଯାଇପାରିବ, ସେ ନେଇ କଳା କୌଶଳ ପ୍ରଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ ସରପଞ୍ଚ, ସମିତିସଭ୍ୟ ଓ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ।

## ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

**ଡେରାବିଶ, ୩୦।୧୦(ସ୍ୱ.ପ୍ର.)**

ଡେରାବିଶ ବ୍ଲକ ବେଣୀପୁର ପଞ୍ଚାୟତ ଅନ୍ତର୍ଗତ ସଦାନନ୍ଦପୁର ଗାଁରେ ରବିବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ଗିରି ଗୋବର୍ଦ୍ଧନ ପୂଜା କମିଟି ଆନୁକୂଲ୍ୟରେ ଅନୁଷ୍ଠିତ ରକ୍ତଦାନ ଶିବିରରେ ୪୨ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି। କଟକସ୍ଥିତ କେନ୍ଦ୍ରୀୟ ରେଡକ୍ରସ୍ ରକ୍ତକେନ୍ଦ୍ରର ଡା. ସୁଧାଂଶୁ ଶେଖର ସାହୁଙ୍କ ନେତୃତ୍ୱରେ କର୍ମଚାରୀ ଶେଷମୋହନ ଶତପଥୀ, ମୃତ୍ୟୁଞ୍ଜୟ ବେଗ, ଭାଗ୍ୟଧର ସାହୁ ଓ ଭାଗ୍ୟଲକ୍ଷ୍ମୀ ସାମଲ ପ୍ରମୁଖ ଶିବିରରୁ ରକ୍ତ ସଂଗ୍ରହ କରିଥିଲେ। ପୂଜା କମିଟି କର୍ମକର୍ତ୍ତା ସୁବାସ ଘଡାଇ, ବିଭୂତି ଘଡାଇ, ପ୍ରଶାନ୍ତ ଘଡାଇ, ସୁଶାନ୍ତ ଘଡାଇ, ରବୀନ୍ଦ୍ର ଗାହାଣ, ଗଣେଶ୍ୱର ମଣ୍ଡଳ, ନୃସିଂହ ମଣ୍ଡଳ ଓ ଅଜିତ ଘଡାଇ ପ୍ରମୁଖ ରକ୍ତଦାନ ଶିବିରର ନେତୃତ୍ୱ ନେଇଥିବା ବେଳେ ଏହାର ପରିଚାଳନାରେ କମିଟି ସଦସ୍ୟ ଓ ସଦାନନ୍ଦପୁର ଗ୍ରାମବାସୀ ସହଯୋଗ କରିଥିଲେ। ସୂଚନାଯୋଗ୍ୟ ଏହି ଗ୍ରାମରେ ଦୀର୍ଘବର୍ଷ ହେଲା ଗିରି ଗୋବର୍ଦ୍ଧନ ପୂଜା ଅନୁଷ୍ଠିତ ହେଉଥିବା ବେଳେ ଏହି ଅବସରରେ ପୂଜା କମିଟି ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଆସୁଅଛି।



ଗିରି ଗୋବର୍ଦ୍ଧନ ପୂଜା ଅବସରରେ ଲୋକେ ରକ୍ତଦାନ କରୁଛନ୍ତି।

## ପଟ୍ଟାମୁଣ୍ଡାଇ ବାଇପାସ୍‌ଠାରୁ ମଦନପୁର ରାସ୍ତା ମରଣଯନ୍ତା

**ପଟ୍ଟାମୁଣ୍ଡାଇ, ୩୦।୧୦(ସ୍ୱ.ପ୍ର.)**

ପଟ୍ଟାମୁଣ୍ଡାଇ ପୂର୍ତ୍ତ ବିଭାଗ ସବ୍‌ଡିଭିଜନ ଅଧୀନରେ ଥିବା ରାସ୍ତାଗୁଡିକର ନିର୍ମାଣ ଓ ମରାମତି ପାଇଁ ସରକାରଙ୍କ ପକ୍ଷରୁ ଅର୍ଥ ବ୍ୟୟ ହେଉଛି। କିନ୍ତୁ ପଟ୍ଟାମୁଣ୍ଡାଇ ଓ ରାଜନଗରର ଲାଇଫ ଲାଇନ କୁହାଯାଉଥିବା ପଟ୍ଟାମୁଣ୍ଡାଇ ବାଇପାସଠାରୁ ମଦନପୁର ପର୍ଯ୍ୟନ୍ତ ରାସ୍ତା ମରଣଯନ୍ତା ପାଲଟିଛି। ଏହି ରାସ୍ତାର ପଟ୍ଟାମୁଣ୍ଡାଇ ବାଇପାସ ଛକଠାରୁ ଅଳଭା ପର୍ଯ୍ୟନ୍ତ ଖାଲଖମାରେ ପୂରି ରହିଛି। ବହୁ ସ୍ଥାନରେ ଆଣ୍ଠୁଏ ଲେଖାଏ ଗାତ ସୃଷ୍ଟି ହୋଇଥିବା ଦେଖିବାକୁ ମିଳୁଛି।

ପ୍ରତିବର୍ଷ ଏହି ରାସ୍ତାର ମରାମତି ଓ ପୁନଃ ନିର୍ମାଣ କାର୍ଯ୍ୟ କରାଯାଉଥିଲେ ହେଁ ଯଥା ପୂର୍ବଂ ତଥା ପରଂ ଅବସ୍ଥା ସୃଷ୍ଟି ହୋଇଛି। ସତେକି ଏହି ରାସ୍ତାଟି ବିଭାଗ ଓ ଠିକାଦାରମାନଙ୍କ ପାଇଁ ଲେଉଟିଆ କିଆରି ପାଲଟିଛି। ଏହି ରାସ୍ତାକୁ ପ୍ରଶସ୍ତୀକରଣ ପାଇଁ ବିଭାଗ ପକ୍ଷରୁ ଗତ ୩ବର୍ଷ ଧରି କାର୍ଯ୍ୟ ହୋଇଥିଲେ ହେଁ ଠାଏ ଠାଏ କାର୍ଯ୍ୟ କରାଯାଇଥିବାବେଳେ ପରବର୍ତ୍ତୀ ପଦକ୍ଷେପ ନିଆଯାଉ ନ ଥିବାରୁ ଓଲଟି ଏହା କର୍ଦ୍ଦମାକ୍ତ ହୋଇ ଯାତାୟାତରେ ସମସ୍ୟା ସୃଷ୍ଟି କରୁଛି। ଗତ ଶାରଦୀୟ ଦୁର୍ଗାପୂଜା ଅବ୍ୟବହିତ ପୂର୍ବରୁ ପ୍ରଶାସନ ପକ୍ଷରୁ ଆହୁତ ଶାନ୍ତି କମିଟି ବୈଠକରେ ପୂର୍ତ୍ତ ବିଭାଗ ବଜାର ଦେଇ ଯାଇଥିବା କଲେଜ ରୋଡ୍ ରାସ୍ତା ଓ ବାଇପାସଠାରୁ ଅଳଭା ରାସ୍ତାର ଶୋଚନୀୟ ଅବସ୍ଥାକୁ ନେଇ ସଭ୍ୟମାନେ କ୍ଷୋଭ ପ୍ରକାଶ କରିଥିଲେ। ପୂର୍ତ୍ତ ବିଭାଗର ବିଭାଗୀୟ ଅଧିକାରୀମାନେ ବୈଠକରେ ଉପସ୍ଥିତ ଥାଇ ଏହି ରାସ୍ତା ଦ୍ୱୟର ମରାମତି ପାଇଁ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିଲେ ହେଁ ତାହା ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନାହିଁ। ଅନ୍ୟପକ୍ଷରେ ପଟ୍ଟାମୁଣ୍ଡାଇ କଲେଜରୋଡ ବସୁପାତ୍ର ଛକରେ ଗାଡିଆ ସଦୃଶ ଖାଲ ଥିବାରୁ ସାମାନ୍ୟ ବର୍ଷା ହେଲେ ପାଣିର ସୁଅ ପଡି ପାଣିରେ ବୁଡି ରହୁଥିବା ଦେଖିବାକୁ ମିଳୁଛି। ଏହି ଛକଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥିବାବେଳେ ଏହି ବାଟ ଦେଇ ପଟ୍ଟାମୁଣ୍ଡାଇ, ରାଜନଗର, କେନ୍ଦ୍ରାପଡ଼ା ଓ ଜିଲା ବାହାରକୁ ମଧ୍ୟକୁ ଗାଡି ମୋଟର ଚଳାଚଳ କରିଥାଏ। ରାସ୍ତାର



ପଟ୍ଟାମୁଣ୍ଡାଇ ବାଇପାସ୍‌ରୁ ମଦନପୁର ରାସ୍ତାରେ ଖାଲଖମା।

### ପୂର୍ତ୍ତ ବିଭାଗର ଅପରିଣାମଦର୍ଶିତା ପାଇଁ ବଢ଼ୁଛି ଦୁର୍ଘଟଣା

ଶୋଚନୀୟ ଅବସ୍ଥା ପାଇଁ ଏଠାରେ ଦୈନିକ ଛୋଟବଡ ଦୁର୍ଘଟଣାମାନ ଘଟୁଥିବାବେଳେ ଲୋକମାନେ ଛକ ପାର ହୋଇଯିବାକୁ ଆଣ୍ଠୁଏ, ଅଣ୍ଟାଏ ପାଣିରେ ପଶି ଯିବାକୁ ବାଧ ହେଉଛନ୍ତି। ବିଶେଷକରି ପଟ୍ଟାମୁଣ୍ଡାଇ ବାଇପାସ୍ ଛକଠାରୁ ଅଳଭା ଛକ ପର୍ଯ୍ୟନ୍ତ ରାସ୍ତାର ଅବସ୍ଥା ଏତେ ଗୁରୁତର ହୋଇପଡିଛି ଯେ, ଖାଲି ପାଦରେ ଚାଲି କରି ଯିବା ମଧ୍ୟ ଅସମ୍ଭବ ହୋଇପଡୁଛି। ଅନ୍ୟପକ୍ଷରେ ଏହି ରାସ୍ତାକାର୍ଯ୍ୟ ୧୮ କୋଟି ଟେଣ୍ଡର ହୋଇ ଆରମ୍ଭ ହୋଇଥିବାରୁ ପ୍ୟାଚ କାମ କରିବା ସମ୍ଭବ ହୋଇ ନ ଥିଲା ବୋଲି ବିଭାଗ ପକ୍ଷରୁ କନିଷ୍ଠଯନ୍ତ୍ରୀ ଅଶୋକ ଜେନା କହିଛନ୍ତି। ଏହି ଗୁରୁତର ସମସ୍ୟା ପ୍ରତି କେନ୍ଦ୍ରାପଡ଼ା ଜିଲାପାଳ ଦୃଷ୍ଟି ଦେବା ସହ ତୁରନ୍ତ ଉକ୍ତ ରାସ୍ତାକୁ ଯିବା ଆସିବା ଉପଯୁକ୍ତ କରିବାକୁ ପଦକ୍ଷେପ ନେବାକୁ ସମ୍ପୃକ୍ତ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେବାକୁ ସାଧାରଣରେ ଦୃଢ ଦାବି ହେଉଛି।

## ସଂକ୍ଷେପରେ

### ୧୦.୫୦ ଗ୍ରାମ ବ୍ରାଉନ ସୁଗାର ଜବତ

**ଜଗତ୍‌ସିଂହପୁର ଅଫିସ, ୩୦।୧୦:** ଜଗତ୍‌ସିଂହପୁର ଥାନା ଅନ୍ତର୍ଗତ ହାଟ ବଜାରରୁ ରବିବାର ୧୦.୫୦ ଗ୍ରାମ ବ୍ରାଉନ ସୁଗାର ଜବତ ହୋଇଛି। ଏହି ଅଭିଯୋଗରେ ଗାଲୁପଡ଼ା ଗ୍ରାମର ସୁବାସ ଚନ୍ଦ୍ର ସେଠୀ ଓରଫ ପାଗଲ (୩୭)ଙ୍କୁ ଗିରଫ କରାଯାଇଛି। ଏନେଇ ଥାନାରେ ମାମଲା (ନଂ. ୭୨୨/୨୨) ରୁଜୁ ହୋଇଛି।

### ଶ୍ରୀଜଗନ୍ନାଥ ସାହିତ୍ୟ ସଂସ୍କୃତି ପରିଷଦର ସାରସ୍ୱତ ସମାରୋହ

**ସିଂହପୁର,୩୦।୧୦ (ଡି.ଏନ.ଏ.):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର କାଳୀମଣ୍ଡପଠାରେ ଶ୍ରୀଜଗନ୍ନାଥ ସାହିତ୍ୟ ସଂସ୍କୃତି ପରିଷଦର ସାରସ୍ୱତ ସମାରୋହ ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ଦୁର୍ଯ୍ୟୋଧନ ସମାଲଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ସାହିତ୍ୟକ କଥାକାର ତଥା ଗାନ୍ଧୀବାଦି ପ୍ରବକ୍ତା ଦାସ ବେନେହୁର, ମୁଖ୍ୟବକ୍ତା ବାଗ୍ମି ବୀରେନ୍ଦ୍ର କୁମାର ପଣ୍ଡା, ସମ୍ମାନିତ ଅତିଥି ନିର୍ଦ୍ଦେଶିକା ସମାଜ କଲ୍ୟାଣ ବୋର୍ଡ କାବ୍ୟା ପ୍ରିୟଦର୍ଶନୀ ଧଳ, ଶିଶୁ ସାହିତ୍ୟିକ ମାନସ ରଞ୍ଜନ ସାମଲ ପ୍ରମୁଖ ଯୋଗଦେଇ ସାହିତ୍ୟ ସମାଜକୁ ଦିଗଦର୍ଶନ ଦେଇଥାଏ ବୋଲି କହିଥିଲେ। କୃଷ୍ଣଚନ୍ଦ୍ର ଥାଟୋଇ ଶଙ୍ଖଧ୍ୱନୀ ଓ ପୂର୍ଣ୍ଣଚନ୍ଦ୍ର ସାମଲ ବେଦମନ୍ତ୍ର ପାଠକରିଥିଲେ। ଅନୁଷ୍ଠାନର ସମ୍ପାଦକ ଅନିରୁଦ୍ଧ ବେଉରିଆ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସୁବାସ ଚନ୍ଦ୍ର ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ନାରାୟଣ ଚନ୍ଦ୍ର ଦାସ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଶିକ୍ଷାବିତ ଶ୍ରୀହରି ସାହୁ, ନାରାୟଣ ଚନ୍ଦ୍ର ଧଳ ଓ ଯାତ୍ରା ନିର୍ଦ୍ଦେଶକ ମନୋଜ ନାୟକଙ୍କୁ ଅତିଥିଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ବରିଷ୍ଠ ନାଗରିକ ପଦ୍ମନାଭ ଦାଶ, ନିରଞ୍ଜନ ଦାସ, ଘନଶ୍ୟାମ ଦାସ, କୃଷ୍ଣଚନ୍ଦ୍ର ଜେନା, ପ୍ରଦୀପ କୁମାର ଜେନା, ଅଶୋକ ଧଳ, ରତନଲାଲ ଭୁୟାଁ ପ୍ରମୁଖ ଅତିଥିଙ୍କୁ ଉପାୟନ ପ୍ରଦାନ କରିଥିଲେ। ଏହି ଅବସରରେ ଅନୁଷ୍ଠାନର ମୁଖପତ୍ର ଶ୍ରୀମୁଖ ଅତିଥିଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ପତ୍ରିକା ସମ୍ପର୍କରେ ସମ୍ପାଦକ ଅଜୟ କୁମାର ଓଝା ବକ୍ତବ୍ୟ ପ୍ରଦାନ କରିଥିଲେ। ଉପସଭାପତି ସୁଶାନ୍ତ କୁମାର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବ୍ୟବସାୟୀ ସଂଘ ସମ୍ପାଦକ ନିରଞ୍ଜନ ବେଉରିଆ, ସିଂହପୁର ସମବାୟ ସମିତି ସଭାପତି ବୈଷ୍ଣବ ଚରଣ ସାମଲ, ପ୍ରାକ୍ତନ ସଭାପତି ତ୍ରିନାଥ ବେଉରିଆ, ଶିକ୍ଷାବିତ କଳାକର ପାତ୍ର, ପୁରୁଷୋତ୍ତମ ବେହେରା ଓ ସାଗର ସଂଗମ ଧଳ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଭରତ ଚନ୍ଦ୍ର ନାୟକ ଧନ୍ୟବାଦ ଦେଇଥିଲେ।

# କାମରେ ଲାଗୁନି ବିଜୁ ସେତୁ


ନୂଆମାହାରା ନଦୀ ଉପରେ ନିର୍ମିତ ବିଜୁ ସେତୁ।


ସେତୁକୁ ସଂଯୋଗୀକରଣ ରାସ୍ତା ନାହିଁ।

**ପ୍ରୀତିପୁର,୩୦।୧୦(ଡି.ଏନ.ଏ.)**

■ ସେତୁକୁ ନାହିଁ ସଂଯୋଗୀକରଣ ରାସ୍ତା
■ ଜରାଜୀର୍ଣ୍ଣ ପାଲଟିଲାଣି ବିଲସାହି-କୁସୁନପୁର ରାସ୍ତା

କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଯୋଜନାରେ ରାସ୍ତା ଓ ବିଜୁ ସେତୁ ନିର୍ମାଣ କରୁଛନ୍ତି। ଏଥିଲାଗି ରାଜକୋଷରୁ ଅର୍ଥ ଖର୍ଚ୍ଚ ହେଉଥିବା ବେଳେ ଲୋକମାନଙ୍କ କାମରେ ଲାଗୁନାହିଁ। ଫଳରେ ଲୋକମାନେ ବହୁ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ଏଭଳି ଦେଖିବାକୁ ମିଳିଛି, ଯାଜପୁର ଜିଲା ବିଞ୍ଝାରପୁର ଗ୍ରାମ୍ୟ ଉନ୍ନୟନ ବିଭାଗ ଅନ୍ତର୍ଗତ ବିଲସାହି-କୁସୁନପୁର ପ୍ରଧାନମନ୍ତ୍ରୀ ସଡକ ଯୋଜନା ଅଧୀନ କୁସୁନପୁର ନିକଟସ୍ଥ ନୂଆମାହାରା ନଦୀ ଉପରେ ନିର୍ମିତ ବିଜୁ ସେତୁ କ୍ଷେତ୍ରରେ। ସେତୁକୁ ଉଭୟପାର୍ଶ୍ୱରୁ ସଂଯୋଗୀକରଣ ଲାଗି ରାସ୍ତା ନିର୍ମାଣ ହୋଇନାହିଁ। ସେତୁ ନିର୍ମାଣ ଶେଷ ହୋଇ ମଧ୍ୟ ଲୋକଙ୍କ କାମରେ ଆସିପାରୁନାହିଁ।

ବିଜୁ ସେତୁ ନିର୍ମାଣ ନିମନ୍ତେ ରାଜ୍ୟ ସରକାର ୪ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ବ୍ୟୟ ହୋଇଥିଲା। ସେତୁକୁ ଉଭୟପାର୍ଶ୍ୱରୁ ସଂଯୋଗ କରିବା ନିମନ୍ତେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାରେ ୯ କୋଟି ୩୨ ଲକ୍ଷ ୫୮ ହଜାର ଟଙ୍କା ଖର୍ଚ୍ଚ କରାଯାଇଛି। ଏହି ଅର୍ଥରେ ପୋଲର ଉଭୟପାର୍ଶ୍ୱରେ ବିଲସାହିଠାରୁ କୁସୁନପୁର ପର୍ଯ୍ୟନ୍ତ ୮. ୭୮୦ ମିଟର ରାସ୍ତା ନିର୍ମାଣ କରାଯାଇଛି। ଏହା ବ୍ୟତୀତ ଏହି ରାସ୍ତାର ରକ୍ଷଣାବେକ୍ଷଣ ବାବଦରେ ୫ ବର୍ଷ ନିମନ୍ତେ ସରକାର ୩୯ ଲକ୍ଷ ୮୨ ହଜାର ଟଙ୍କା ମଧ୍ୟ ଯୋଗାଇ ଦେଇଛନ୍ତି। ରାସ୍ତା ନିର୍ମାଣ କାର୍ଯ୍ୟ ୧୮।୧।୨୦୧୮ ଆରମ୍ଭ ହୋଇଥିବାବେଳେ କାମ ୧୭।୧।୨୦୨୦ ଶେଷ ହୋଇଥିଲା। ସେତୁର ଉଭୟପାର୍ଶ୍ୱ ରାସ୍ତା ନିର୍ମାଣ ହୋଇ ସୁଦ୍ଧା ରକ୍ଷଣାବେକ୍ଷଣ ଅଭାବରୁ ବିଭିନ୍ନ ସ୍ଥାନରେ ଖାଲଖମା ହୋଇଛି। ଏହି ରାସ୍ତା ଉପରେ ଘାସ ମାଡି ଗଲାଣି। ସରକାର ଏହି ରାସ୍ତା ଓ ସେତୁ ନିର୍ମାଣ ନିମନ୍ତେ ପାଖାପାଖି ୧୪ କୋଟି ଖର୍ଚ୍ଚ କରି ସାରିଥିଲେ ସୁଦ୍ଧା ପ୍ରଶାସନିକ ଅଧିକାରୀଙ୍କ ଅବହେଳା ଯୋଗୁ କାର୍ଯ୍ୟକ୍ଷମ ହୋଇପାରୁନାହିଁ। ଏହି ସେତୁରେ କାର୍ଯ୍ୟକ୍ଷମ ହେଲେ ବାଙ୍ଗରା ପଞ୍ଚାୟତର କାର୍ଯ୍ୟାଳୟ ସହ ପଞ୍ଚାୟତ ଅନ୍ତର୍ଗତ କୁସୁନପୁର, ଗୁଣ୍ଡୁରିପଡା ଓ କଣ୍ଟିତର ଗ୍ରାମବାସୀ ସାଧାସଳଖ ଯୋଗାଯୋଗ ହୋଇପାରିବ। ଏହି ସହ ଯାଜପୁର ଜିଲାର ବିଞ୍ଝାରପୁର, ଦଶରଥପୁର ବ୍ଲକ ଓ କେନ୍ଦ୍ରାପଡ଼ା ଜିଲାର ରାଜକନିକା ବ୍ଲକ ସହ ଗମନାଗମନ ଓ ବ୍ୟବସାୟିକ ସମ୍ପର୍କ ସୃଷ୍ଟି ହୋଇପାରନ୍ତା। ଏହି ସେତୁ କାର୍ଯ୍ୟକ୍ଷମ ନ ହେବା ସମ୍ପର୍କରେ ଯନ୍ତ୍ରୀ ବିନୋଦ କୁମାର ଶିହଳଙ୍କୁ ପଚାରିବାରେ ଆବଶ୍ୟକ ଅର୍ଥର ଅଭାବ ହେତୁ ଏହା ଅଧାପନ୍ତରିଆ ରହିଛି। ଅର୍ଥ ମିଳିଲେ ସେତୁ ସଂଯୋଗୀକରଣ ରାସ୍ତା କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବ ବୋଲି ସେ କହିଥିଲେ। ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବା ସହ ବିଜୁ ସେତୁକୁ ସଂଯୋଗୀକରଣ ରାସ୍ତା କାର୍ଯ୍ୟ ଶେଷ କରିବାକୁ ସାଧାରଣରେ ଦାବି ହେଉଛି।

# ବିରଜା କ୍ଷେତ୍ର ପରିକ୍ରମା ପ୍ରସ୍ତୁତି ବୈଠକ

**ଯାଜପୁର ସଦର,୩୦।୧୦(ଡି.ଏନ୍.ଏ.)**

ବିରଜା କ୍ଷେତ୍ର ପରିକ୍ରମା ପ୍ରସ୍ତୁତି ବୈଠକ ମା'ବିରଜା ମନ୍ଦିର ପରିସର ବୋଉଳମୂଳଠାରେ ବିରଜା କ୍ଷେତ୍ର ପରିକ୍ରମା ସମିତି ସଚିବ ସ୍ୱାମୀ ଉଦୟାନନ୍ଦ ପର୍ବତ ମହାରାଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପରିକ୍ରମାର ବିଭିନ୍ନ ଦିଗଉପରେ ଆଲୋଚନା ପର୍ଯ୍ୟାଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମ ବେଲେଶ୍ୱରପୀଠରୁ ଆସନ୍ତା ୧୫ ତାରିଖଠାରୁ ଆରମ୍ଭ ହୋଇ ୧୯ ତାରିଖରେ ପୁନଶ୍ଚ ସେହି ବେଲେଶ୍ୱର ପୀଠାରେ ଉଦ୍‌ଯାପିତ ହେବ ବୋଲି ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ଶତାଧିକ ସାଧୁ ସନ୍ଥ, ଶ୍ରଦ୍ଧାଳୁ, ଭଗବତ ପ୍ରେମ, ସଂକୀର୍ତ୍ତନ ମଣ୍ଡଳୀ ଓ ବିଶିଷ୍ଟ ବ୍ୟକ୍ତି ଯୋଗଦେବେ।

ବିଭିନ୍ନ ଦିବସରେ ଅନୁଷ୍ଠାନମାନଙ୍କ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଓ ପ୍ରବଚନ ଆୟୋଜନ କରାଯିବାକୁ ସ୍ଥିର କରାଯାଇଛି। କାର୍ଯ୍ୟକ୍ରମରେ ବାବା ଲମ୍ବୋଧର ଦାଶ, ବିରଜା ମୁକ୍ତି ମଣ୍ଡପ ସେବାୟତ ପରିଷଦ ସଭାପତି ଦେବୀ ପ୍ରସାଦ ପାଣି, ବରିଷ୍ଠ ସେବାୟତ ଧନଞ୍ଜୟ ପାଣି, ଜଗନ୍ନାଥ ପାଣି, ସତ୍ୟରଞ୍ଜନ ପାଣି, ସୁବର୍ଣ୍ଣମୁଖୀ ପରିକ୍ରମା ସ୍ୱାଗତ ସମିତିର ସଭାପତି ଶରତ ପୃଷ୍ଟି, ନୀଳ ସରସ୍ୱତୀ ଆଶ୍ରମ ପରିକ୍ରମା ସ୍ୱାଗତ ସମିତି ଆବାହକ ପୀତାମ୍ବର ଜେନା, ବିରଞ୍ଚିନାରାୟଣ ସାହୁ, ମୁଗପଦା ପରିକ୍ରମା ସ୍ୱାଗତ ସମିତି ସଭାପତି ସୁବଳ ମଲ୍ଲିକ, ବିହାରି ଗ୍ରାମ ପଞ୍ଚାୟତ ପ୍ରାକ୍ତନ ସରପଞ୍ଚ ସୁଧାଂଶୁ ଦାସ, ଶିକ୍ଷକ ଦୁର୍ଯ୍ୟୋଧନ ସିଂ, ମନୋଜ ଗୋସାଇଁ, ଆଇନଜୀବୀ ବିବେକାନନ୍ଦ ମହାନ୍ତି, ମିଡିଆ ସେଲ୍‌ର ଅଧ୍ୟକ୍ଷ ଅର୍ପଣ କୁମାର ରାଉତରାୟ, ରବିନାରାୟଣ ସାମନ୍ତ, ଦେବେନ୍ଦ୍ର ମହାରଣ୍ୟ, ସୂର୍ଯ୍ୟମଣି ସାହୁ, ମକରକେତନ ନାଥଙ୍କ ସମେତ ବହୁ ଶ୍ରଦ୍ଧାଳୁ ଉକ୍ତ ପ୍ରସ୍ତୁତି ବୈଠକରେ ଯୋଗଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଶେଷରେ ବିରଜା ସାହିତ୍ୟ ସଂସ୍କୃତି ଗବେଷଣା ପରିଷଦର ବାର୍ତ୍ତା ସମ୍ପାଦକ ମିନକେତନ ସାହୁ ଧନ୍ୟବାଦ ଦେଇଥିଲେ।


ବୈଠକରେ ଯୋଗ ଦେଇଥିବା କର୍ମକର୍ତ୍ତା ଓ ଅନ୍ୟମାନେ।

# ରାସ୍ତା ମଝିରେ ଗର୍ଭବତୀ ୨ ଘଣ୍ଟା ଛଟପଟ

**କାଳିଆପାଣି,୩୦।୧୦(ଡି.ଏନ.ଏ.)**

କାଳିଆପାଣି ଖଣି ଅଞ୍ଚଳରେ ଟ୍ରାଫିକ ସମସ୍ୟା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଟ୍ରକଗୁଡ଼ିକ ବେଆଇନ ଧାଡ଼ି ଲଗାଇବା ଯୋଗୁ ଏକ ଆମ୍ବୁଲାନ୍ସ ରବିବାର ସକାଳ ୮ରୁ ପୂର୍ବାହ୍ନ ୧୦ଟା ଯାଏ ଫସି ରହିଥିଲା। କାଳିଆପାଣି ଥାନା ପୋଲିସକୁ ଟ୍ରାଫିକ ଜାମ୍ ହଟାଇବା ପାଇଁ ୨ ଘଣ୍ଟା ଲାଗିଥିଲା। ଫଳରେ ଜଣେ ଗର୍ଭବତୀ ଯନ୍ତ୍ରଣାରେ ଛଟପଟ ହୋଇଥିଲେ। ଖଣି ଅଞ୍ଚଳକୁ କ୍ରୋମାଇଟ୍ ଲୋଡିଂ ପାଇଁ ଆସୁଥିବା ଟ୍ରକ୍‌ଗୁଡ଼ିକ ଫାଷ୍ଟ କମ୍ ଫାଷ୍ଟ ଲୋଡିଂ ନିୟମରେ ରାସ୍ତାକଡରେ ଧାଡ଼ି କରି ଠିଆ ହୋଇ ନିଜ ସିରିୟଲ ନମ୍ବର ପାଇବାକୁ ଅପେକ୍ଷା କରି ରହୁଛନ୍ତି। ସେହିପରି ସମାନ ଦିଗକୁ ମୁହଁ କରି ଅପରପାର୍ଶ୍ୱ ରାସ୍ତାରେ ମଧ୍ୟ ଟ୍ରକଗୁଡ଼ିକ ୫୦ ମିଟର ଯାଏ ଠିଆ ହୋଇ ନମ୍ବର ପାଇବାକୁ ଜଗି ରହୁଛନ୍ତି। ଏଭଳି ବେଆଇନ କାର୍ଯ୍ୟ ହେଉଥିଲେ ମଧ୍ୟ ପୋଲିସ ନୀରବଦ୍ରଷ୍ଟା ସାଜୁଛି। ଏଥିପାଇଁ ପୋଲିସ ଲାଭବାନ ହେଉଥିବାବେଳେ ସାଧାରଣ ଲୋକ ରାସ୍ତାମଝିରେ ଫସି ରହି ଦହଗଞ୍ଜ ହେଉଛନ୍ତି।

ପୋଲିସ ଉପସ୍ଥିତିରେ କମ୍ପାନୀ ସିକ୍ୟୁରିଟି ଗାର୍ଡ ଟ୍ରକଗୁଡ଼ିକୁ ସିରିୟଲ ନମ୍ବର ଦେଇଥାନ୍ତି। ଏହି ସମୟରେ ଟ୍ରକଗୁଡ଼ିକ ଧସେଇ ପଶି ଆସିଥାନ୍ତି। ଏଥିଯୋଗୁ ଟମକା -ମଙ୍ଗଳପୁର ରାସ୍ତାର କମର୍ଦ୍ଧାଠାରୁ କଲରଙ୍ଗୀ ଛକ ପର୍ଯ୍ୟନ୍ତ ନାହିଁ ନ ଥିବା ଜାମ୍ ଦେଖିବାକୁ ମିଳୁଛି। ଶନିବାର ସରୁଆବିଲ ଖଣିରୁ କ୍ରୋମାଇଟ ଲୋଡିଂ କରିବାକୁ ଠିଆ ହୋଇଥିବା ଟ୍ରକଗୁଡିକ ଜାମ କରିବାରୁ ସ୍ଥାନୀୟ ମହିଳାମାନେ ଠେଙ୍ଗା ଧରି ଟ୍ରକଗୁଡ଼ିକୁ ଗୋଡ଼ାଇଥିଲେ। ହେଲେ ରବିବାର ସ୍ଥିତି ଅତ୍ୟନ୍ତ ଚିନ୍ତାଜନକ ଥିଲା। ଫେଂକର ବେଦାନ୍ତ ଖଣିରୁ କ୍ରୋମାଇଟ ଲୋଡିଂ କରିବାକୁ ଆସି ଠିଆ ହୋଇଥିବା ଟ୍ରକଗୁଡ଼ିକ ମଝିରେ ଅନ୍ୟ ଟ୍ରକଗୁଡ଼ିକୁ ଭର୍ତ୍ତି କରାଯାଉଥିଲା। ଏହାଦ୍ୱାରା ଅନ୍ୟ ଦିଗରୁ ଆସୁଥିବା ଗାଡ଼ିଗୁଡ଼ିକ ଫସି ରହିଥିଲା। ସେଥିମଧ୍ୟରେ କାଳିଆପାଣି ଅଞ୍ଚଳରୁ ଜଣେ ଗର୍ଭବତୀଙ୍କୁ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଉଥିବା ଆମ୍ବୁଲାନ୍ସ ଅଟକି ଯାଇଥିଲା। ପ୍ରତିଦିନ ଏଭଳି ସ୍ଥିତି ଉପୁଜୁଥିଲେ ମଧ୍ୟ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଉ ନାହିଁ। ଏସ୍‌ପି, ଜିଲାପାଳ ତୁରନ୍ତ ଏହାର ସ୍ଥାୟୀ ସମାଧାନ ନ କଲେ ବଡ଼ଧରଣର ଆନ୍ଦୋଳନ ହେବ ବୋଲି ସ୍ଥାନୀୟ ଲୋକମାନେ ଚେତାବନୀ ଦେଇଛନ୍ତି।




ଖଣି ଅଞ୍ଚଳରେ ଟ୍ରାଫିକ୍ ବିପର୍ଯ୍ୟସ୍ତ
■ ପୋଲିସ ସାଜୁଛି ନୀରବଦ୍ରଷ୍ଟା

ଟ୍ରାଫିକ୍ ଜାମ୍‌ରେ ଫସିରହିଥିବା ଆମ୍ବୁଲାନ୍ସ।

# ଯୁବକଙ୍କ ଆତ୍ମହତ୍ୟା

**ବ୍ରହ୍ମବରଦା,୩୦।୧୦(ଡି.ଏନ.ଏ.)**

ଯାଜପୁର ସଦର ଥାନା ଅନ୍ତର୍ଗତ ମଙ୍ଗରାଜପୁର ପଞ୍ଚାୟତ ଲଙ୍କାବାଲିସାହି ଗ୍ରାମର ଗୋପୀନାଥ ପାଡ଼ୀ ନଦୀପଠା ନିକଟ ଏକ ବରଗଛରେ ବେକରେ ଗାମୁଛା ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। କିଛିଦିନି ତଳେ ସେହି ଗ୍ରାମର ଜଣେ ଯୁବକଙ୍କ ମୋବାଇଲ ଚୋରି ହୋଇଥିଲା। ସେ ଏନେଇ ଯାଜପୁର ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗ ପାଇ ତାଙ୍କ ଫୋନକୁ ଟ୍ରାକ କରିବା ପରେ ଗୋପୀନାଥ ଚୋରି ମୋବାଇଲ ରଖିଥିବା ପୋଲିସ ଜାଣିବାକୁ ପାଇଥିଲା। ତେଣୁ ପୋଲିସ ଗୋପୀନାଥଙ୍କ ପାଖରେ ପହଞ୍ଚିଥିଲା। ହେଲେ ସେ ପୋଲିସ ଭୟରେ ଧରା ଦେଇ ନ ଥିଲେ। ମୃତକଙ୍କ ଭାଇଙ୍କ କହିବା ଅନୁଯାୟୀ, ଭାଇଙ୍କୁ ତାଙ୍କ ଗାଁ ସାହି ପଡ଼ିଶାରେ ଚୋରର ଆଖ୍ୟା ଦେବେବୋଲି ଭାବି ଶନିବାର ସକାଳୁ ସେ ଘରୁ କେଉଁଆଡ଼େ ନିଖୋଜ ହୋଇଯାଇଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ ତାଙ୍କର ସନ୍ଧାନ ମିଳିପାରି ନ ଥିଲା। ମାତ୍ର ରବିବାର ସକାଳେ ଲଙ୍କାବାଲିସାହି ଗ୍ରାମର ଆର୍ଶୀବାଦ ସାହୁ ନାମକ ଯୁବକ ନଦୀକୁ ଶୌଚହେବାକୁ ଯାଉଥିବା ସମୟରେ ନଦୀ ପଠରେ ଥିବା ଏକ ବରଗଛରେ ଗୋପୀନାଥ ବେକରେ ଗାମୁଛା ଭିଡ଼ି ଆତ୍ମହତ୍ୟା କରିଥିବା ସେ ଦେଖିଥିଲେ। ଏହା ଦେଖି ସେ ଗୋପୀନାଥଙ୍କ ପରିବାରକୁ ଜଣାଇବା ପରେ ଘଟଣାସ୍ଥଳରେ ପରିବାର ଲୋକେ ପହଞ୍ଚି ସଦର ଥାନାକୁ ଜଣାଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ ବ୍ୟବଚ୍ଛେଦ ନିମନ୍ତେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ନଂ.୧୮/୨୨ ରୁଜୁ ହୋଇଛି। ଗୋପୀନାଥ କୌଣସି କାରଣକୁ ନେଇ ବହୁ ଦିନ ହେବ ଚିନ୍ତିତ ଥିଲେ। ଏହି କାରଣକୁ ନେଇ ମଧ୍ୟ ସେ ଆତ୍ମହତ୍ୟା କରିଥାଇ ପାରନ୍ତି ବୋଲି ପରିବାର ଲୋକେ ପ୍ରକାଶ କରିଛନ୍ତି।

# ଉତ୍ତରେଶ୍ୱର ମହାଦେବ ମନ୍ଦିର ପରିସରରେ ଚାରା ରୋପଣ




ବଡ଼ଚଣା ବିକାଶ ପରିଷଦ ପକ୍ଷରୁ ମନ୍ଦିର ପରିସରରେ ଚାରା ରୋପଣ କରାଯାଉଛି।

**ଚଣ୍ଡିଖୋଲ,୩୦।୧୦(ଡି.ଏନ.ଏ.)**

ବଡଚଣା ବ୍ଲକ ଅନ୍ତର୍ଗତ ନାନପୁରସ୍ଥିତ ଉତ୍ତରେଶ୍ୱର ମହାଦେବ ମନ୍ଦିର ପରିସରରେ ରବିବାର ବଡଚଣା ବିକାଶ ପରିଷଦ ଆନୁକୂଲ୍ୟରେ ସଫେଇ ଓ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଗକୁ ବଡ଼ଓଷା ଓ କାର୍ତ୍ତିକ ପୂର୍ଣ୍ଣିମା ଥିବାରୁ ମନ୍ଦିର ପରିସରରେ ଗହଳି ହେବା ଆଶଙ୍କା କରି ବିକାଶ ପରିଷଦ ଅଧ୍ୟକ୍ଷ ଚିନ୍ମୟ ପ୍ରଧାନ, ସମ୍ପାଦକ ସୁମନ୍ତ କୁମାର ଜେନାଙ୍କ ଉପସ୍ଥିତିରେ ଫୁଲ ଓ ଫଳ ଚାରା ରୋପଣ କରାଯାଇଥିଲା। ଏଥିରେ ପରିଷଦର କର୍ମକର୍ତ୍ତା ଆଲୋକ ପଣ୍ଡା, ସରୋଜ ମହାରଣା, ଅଭିଜିତ ପଣ୍ଡା, ଗୁଣନିଧି ଓଝା, ପ୍ରୀତିରଞ୍ଜନ ବରାଳ, ଅବିନାଶ ପଣ୍ଡା ଓ ଦେବବ୍ରତ ଜେନା ପ୍ରମୁଖ ଯୋଗଦେଇ ପ୍ରଥମେ ମନ୍ଦିର ପରିସର ସଫେଇ କରିବା ସହ ବିଭିନ୍ନ କିସମର ଚାରା ରୋପଣ କରିଥିଲେ।

# ଯାଜପୁର ସହରରେ ଜମୁଛି କାଳୀପୂଜା

**ଯାଜପୁର ସଦର,୩୦।୧୦(ଡି.ଏନ୍.ଏ.)**

ଯାଜପୁରର ଗଣପର୍ବ କାଳୀପୂଜା ବେଶ୍ ଜମୁଛି। କୁସୁମା ନିକଟ ପଡିଆରେ ଏକ ବିଶାଳ ବାଣିଜ୍ୟ ମେଳା ଖୋଲିଛି। ସହରର ବିଭିନ୍ନ ସ୍ଥାନରେ ଜିଲା ଓ ରାଜ୍ୟ ବାହାରର ଭଳିକି ଭଳି ଖାଦ୍ୟ ପସରା ମଧ୍ୟ ମେଲିଛି। ଚଳିତବର୍ଷର ସାଜସଜ୍ଜା ପୂର୍ବର ସବୁ ରେକର୍ଡକୁ ଭାଙ୍ଗିଛି। ପାଖାପାଖି ୫୦ଟି ମଣ୍ଡପରେ ଦେବୀ ମା'ଶ୍ୟାମାକାଳୀ, ମା' କୃଷ୍ଣକାଳୀ ଏବଂ ଲକ୍ଷ୍ମୀନାରାୟଣଙ୍କ ଯୁଗଳ ମୂର୍ତ୍ତି ପୂଜିତ ହେଉଛନ୍ତି। କେଉଁଠି ଦାସକାଠିଆ ହେଉଛି ତ ଆଉ କେଉଁଠି ପାଲା। ପୁଣି କେଉଁଠି ସମ୍ବଲପୁରୀ ଏବଂ ବିଭିନ୍ନ ପାରମ୍ପାରିକ ନୃତ୍ୟ, ଆଧୁନିକ ନୃତ୍ୟ ପରିବେଷଣ ହେଉଛି ତ ଆଉ କେଉଁଠି ପ୍ରଚ୍ଛଦପଟ ଗାୟିକାଗାୟକଙ୍କ ଦ୍ୱାରା ମେଲୋଡି ପରିବେଷଣ ହେଉଛି। ପ୍ରତିବର୍ଷ ଏଠାରେ ଅନୁଷ୍ଠିତ ହେଉଥିବା ମେଲୋଡିରେ ବେଶ୍ ଗହଳି ହୋଇଥାଏ। ପ୍ରାୟତଃ ୮୦ ପ୍ରତିଶତ ମଣ୍ଡପରେ ୭ ଦିନ ଭିତରେ ପାଖାପାଖି ୪୦ଟି ମେଲୋଡି ପାର୍ଟି ସଂଗୀତ ପରିବେଷଣ କରିଥାନ୍ତି। ଦୁଇବର୍ଷ ମହାମାରୀ ପାଇଁ ମେଲୋଡି ଓ ଅନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ବନ୍ଦ ପଡିଥିବା ବେଳେ ଚଳିତବର୍ଷ କିନ୍ତୁ ବିଭିନ୍ନ ସ୍ଥାନରେ ହେଉଥିବା ମେଲୋଡି ମଞ୍ଚ ସମ୍ମୁଖରେ ଦର୍ଶକଙ୍କ ସଂଖ୍ୟା ଅସମ୍ଭବ ଭାବେ ହ୍ରାସ ପାଇଛି। ଏହାର ପ୍ରମୁଖ କାରଣ ମଧ୍ୟରେ ୮ ବର୍ଷ ହେଲା ଜିଲା ମହୋତ୍ସବ ସମୟରେ ଏଠାକୁ ବମ୍ବେ, ଦିଲ୍ଲୀର ପ୍ରତିଷ୍ଠିତ ହିନ୍ଦୀ ଗାୟିକାଗାୟକ, ଅଭିନେତା/ଅଭିନେତ୍ରୀ ଏବଂ ଓଡିଆ ସିନେ କଳାକାରମାନେ ଆସି ସଂଗୀତ ଓ ଅନ୍ୟ କାର୍ଯ୍ୟକ୍ରମ ପରିବେଷଣ କରୁଥିବାରୁ ଅଞ୍ଚଳବାସୀଙ୍କ ରୁଚି ଏହି କାରଣରୁ ବଦଳିଯାଇଛି।

ଅନ୍ୟକାରଣ ମଧ୍ୟରେ ମେଲୋଡି ମଞ୍ଚ ସମ୍ମୁଖରେ ମଦ୍ୟପ ଓ ଉଶୃଙ୍ଖଳ ଯୁବକମାନଙ୍କର ଉଦଣ୍ଡ ନୃତ୍ୟ ଏହାର ଆଉଏକ କାରଣ ବୋଲି କୁହାଯାଉଛି। ଯଦିଓ ଅଧିକାଂଶ ପୂଜା ମଣ୍ଡପ ଏ ପ୍ରକାର ବିଶୃଙ୍ଖଳାକୁ ବରଦାସ୍ତ କରିନଥାଏ ମାତ୍ର କିଛି ନିର୍ଦ୍ଦିଷ୍ଟ ଉଶୃଙ୍ଖଳ ବ୍ୟକ୍ତିଙ୍କ ପାଇଁ ମେଲୋଡି ମଂଚ ନିକଟରେ ଗହଳି କମିଯାଉଛି। ଅଧିକାଂଶ ସ୍ଥାନରେ ରାସ୍ତା ଉପରେ ମେଲୋଡି ପାଇଁ ସ୍ଥାନୀୟ ବାସିନ୍ଦା ଯାତାୟାତରେ ମଧ୍ୟ ଅସୁବିଧା ଭୋଗୁଛନ୍ତି। ସ୍ଥାନୀୟ ଅଧିବାସୀମାନେ ଅପରାହ୍ନ ୪ଟା ପରେ ବାହାରୁ ଆସିଲେ ୪ ବା ୨ ଚକିଆ ଯାନରେ ସେମାନେ ନିଜ ନିଜ ଘରକୁ ଯାଇପାରୁନାହାନ୍ତି। ରାତି ୧ଟା ପର୍ଯ୍ୟନ୍ତ ଅପେକ୍ଷା କଲେ ଯାଇ ଗାଡି ଧରି ଘରକୁ ଫେରିବା ବା ମେଲୋଡି ଦେଖିବା ସମ୍ଭବ ହୋଇଥାଏ। ଏ ପ୍ରକାର ଅବ୍ୟବସ୍ଥାକୁ ଦୂର କରାଯିବା ପାଇଁ ଦାବି ହୋଇଛି। ଅନ୍ୟପକ୍ଷରେ ମଣ୍ଡପ ନିକଟରେ ଗହଳି କିନ୍ତୁ ଶୁକ୍ରବାରଠାରୁ ବଢିଚାଲିଛି। ଆସନ୍ତା ୪ ତାରିଖ ପର୍ଯ୍ୟନ୍ତ କାଳୀପୂଜା ଚାଲୁରହିବ। ଭିଡ ଆହୁରି ଆଗକୁ ବଢିବ। ସହରର ସବୁ ରାସ୍ତାରେ ନାହିଁ ନ ଥିବା ଟ୍ରାଫିକ ସୃଷ୍ଟି ହୋଇଛି। ଏଥିପାଇଁ ପୋଲିସକୁ ଟ୍ରାଫିକ କଟକଣାକୁ ଅଧିକ କଠୋର କରିବାକୁ ପଡିଛି। କେବଳ ପାସ୍ ଥିବା ଲୋକ ନିର୍ଦ୍ଦିଷ୍ଟ ଦୁଇଚକିଆ ଯାନ ଧରି ଯାତାୟାତ କରିବାର ବ୍ୟବସ୍ଥା ରହିଥିବା ବେଳେ ଯେଉଁ ମାନଙ୍କର ପାସ ନାହିଁ ସେମାନେ ହଇରାଣ ହେଉଛନ୍ତି। ବିଭିନ୍ନ ସ୍ଥାନରେ ଏହି ପୋଲିସ ପାସର ମଧ୍ୟ ଦୁରୁପଯୋଗ ହେଉଛି। ପ୍ରଶାସନ ଆଗାମୀ ଦିନରେ ଏନେଇ ଯତ୍ନବାନ ହେବା ପାଇଁ ବୁଦ୍ଧିଜୀବୀ ନିବେଦନ କରିଛନ୍ତି।


ରଙ୍ଗିନ ଆଲୋକରେ ଶୋଭାପାଉଛି କାଳୀପୂଜା ମଣ୍ଡପ ତୋରଣ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୩୧ ଅକ୍ଟୋବର, ୨୦୨୨



## ସଂକ୍ଷେପରେ

### ଅସମ୍ପୂର୍ଣ୍ଣ ବିଶ୍ରାମାଗାରକୁ ନେଇ ଯାତ୍ରୀ ଅସନ୍ତୁଷ୍ଟ

**ଧରାକୋଟ,୩୦।୧୦(ଡି.ଏନ୍.ଏ.):** ଧରାକୋଟ ପଞ୍ଚାୟତ ଅନ୍ତର୍ଗତ ଜାତୀୟ ରାଜପଥ ୫୯ କଡ଼ରେ ତାଳପାଟଣା ଛକ ନିକଟରେ ଏକ ଯାତ୍ରୀ ବିଶ୍ରାମାଗାର ଦୀର୍ଘ ଦିନ ଧରି ଅସମ୍ପୂର୍ଣ୍ଣ ଅବସ୍ଥାରେ ରହିଛି। ତାଳପାଟଣା ଛକ ହେଉଛି ଏକ ବ୍ୟସ୍ତବହୁଳ ଛକ। ଏହି ଛକ ଉପରେ ଋଷିକୁଲ୍ୟା ନଦୀ ଅପର ପାର୍ଶ୍ୱରେ ଥିବା ଜାହାଡା, ଜଗମୋହନ, ସିଙ୍ଗାପୁର, ଝରପାରି ଓ ଖାଡବନ୍ଧ ଆଦି ୫ ପଞ୍ଚାୟତର ଲୋକେ ନିର୍ଭର କରିଥାନ୍ତି। ଏଠାରୁ ଭୁବନେଶ୍ୱର, ବ୍ରହ୍ମପୁର, ଆସିକା, ସୋରଡ଼ା, ଦାରିଙ୍ଗବାଡ଼ି ଓ ବାଲିଗୁଡା ସହ ଭଞ୍ଜନଗର ଯିବାପାଇଁ ପ୍ରତିଦିନ ଯାତ୍ରୀମାନଙ୍କ ଭିଡ଼ ଜମୁଛି । ହେଲେ ବିଶ୍ରାମାଗାର ନ ଥିବାରୁ ଯାତ୍ରୀମାନେ ଛୁଆ ପିଲା ସହ ନିଜର ସାମଗ୍ରୀ ଧରି ରାଜପଥ ଉପରେ ବିପଜ୍ଜନକ ସ୍ଥିତିରେ ଠିଆ ହେଉଛନ୍ତି। ଏହା ଏକ ତିନି ଛକ ହୋଇଥିବାରୁ ବେଶ ସମ୍ବେଦନଶୀଳ ଅଞ୍ଚଳ ଭାବେ ଜଣାଶୁଣା। ଏଣୁ ଏହା ଏକ ଦୁର୍ଘଟଣା ପ୍ରବଣ ଅଞ୍ଚଳ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଲା ଦୀର୍ଘ ଦିନ ହେଲା ଏଠାରେ ଏକ ଯାତ୍ରୀ ବିଶ୍ରାମାଗାର ଅସମ୍ପୂର୍ଣ୍ଣ ଅବସ୍ଥାରେ ରହିଛି, ଏଣୁ ଯାତ୍ରୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ତୁରନ୍ତ ଏହାର ନିର୍ମାଣ କରାଗଲେ ଅଞ୍ଚଳବାସୀ ଉପକୃତ ହୋଇପାରିବେ।

### ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ନୂତନ ପରିଚାଳନା କମିଟି ଗଠିତ

**ଜି.ଉଦୟଗିରି,୩୦।୧୦(ଡି.ଏନ.ଏ.):** ଜି.ଉଦୟଗିରି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ନୂତନ ପରିଚାଳନା କମିଟି ଶନିବାର ଗଠନ ହୋଇଯାଇଛି। ପୂର୍ବତନ ସଭାପତି ରାଜେନ୍ଦ୍ର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଚାଲିଥିବା ପରିଚାଳନା କମିଟିର କାର୍ଯ୍ୟକାଳ ଶେଷ ହେବା ପରେ ନୂତନ କମିଟି ଗଠିତ ହୋଇଛି। ନୂତନ ପରିଚାଳନା କମିଟିରେ ସଭାପତି ଭାବେ ବିନୋଦ ବିହାରୀ ଦାଶ, ଉପ ସଭାପତି ପ୍ରଶାନ୍ତ ମହାପାତ୍ର, ସମ୍ପାଦକ ଶିବରାମ ସାହୁ, ସହସମ୍ପାଦକ ଭାସ୍କର ସାମଲ, କୋଷାଧକ୍ଷ ଭାବେ ଗୋଲକ ବିହାରୀ ପଟ୍ଟନାୟକ, କାର୍ଯ୍ୟକାରିଣୀ ସଭ୍ୟଭାବେ ସାଗରିକା ପଣ୍ଡା, ନିର୍ମଳା ସେଠୀ ପ୍ରମୁଖ ମନୋନୀତ ହୋଇଛନ୍ତି। ଦକ୍ଷିଣ ପୂର୍ବ ସମ୍ଭାଗ ସଂଯୋଜକ ପ୍ରକାଶ ଚନ୍ଦ୍ର ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ନୂତନ ପରିଚାଳନା କମିଟି ଗଠନ କରାଯାଇଛି। ଏହି ବୈଠକରେ ପ୍ରଧାନ ଆଚାର୍ଯ୍ୟ ମାଧବାନନ୍ଦ ଦାଶଙ୍କ ସହିତ ଅନ୍ୟାନ୍ୟ ଆଚାର୍ଯ୍ୟା ଆଚାର୍ଯ୍ୟମାନେ ଉପସ୍ଥିତ ଥିଲେ।

### ଚକ୍ଷୁ ପରୀକ୍ଷା ଶିବିର

**ଆସିକା,୩୦।୧୦(ଡି.ଏନ.ଏ.):** ଆସିକା ଖମ୍ବେଶ୍ୱରୀ ମନ୍ଦିର ପଛପାର୍ଶ୍ୱ କଲ୍ୟାଣ ମଣ୍ଡପରେ ରବିବାର ମାନବ ସେବା ସମିତି ପକ୍ଷରୁ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା । ଶଙ୍କର ଚକ୍ଷୁ ଚିକିତ୍ସାଳୟ ସହଯୋଗରେ ଅନୁଷ୍ଠିତ ଏହି ଶିବିରରେ ସହରାଞ୍ଚଳର ୩୬ଜଣ ଚକ୍ଷୁ ପରୀକ୍ଷା କରାଇଥିଲେ । ସେଥି ମଧ୍ୟରୁ ୧୬ଜଣଙ୍କୁ ମୋତିଆବିନ୍ଦୁ ଅସ୍ତ୍ରୋପଚାର ଲାଗି ଚିହ୍ନଟ କରାଯାଇଛି । ମାନବ ସେବା ସମିତିର ଅଧକ୍ଷ ଗଣେଶ ରଥଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏନଏସି ଅଧକ୍ଷା ବିନେତା ସ୍ୱାଇଁ, ଯୁବନେତା ସତ୍ୟନାରାୟଣ ସ୍ୱାଇଁ, ଭଗବାନ ସାହୁ, ପ୍ରଦୀପ କୁମାର ପାଣିଗ୍ରାହୀ, ଦିଲୀପ କୁମାର ପାଣିଗ୍ରାହୀ, ଅଜିତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

### ଅଷ୍ଟପ୍ରହର ନାମଯଜ୍ଞ

**ଆସିକା,୩୦।୧୦(ଡି.ଏନ.ଏ.):** ଆସିକା ଏନ୍ଏସି ହରିହର ନଗର କୁମ୍ଭାର ସାହି ବାସିନ୍ଦାଙ୍କ ପକ୍ଷରୁ ୬୦ତମ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା । ସିଦ୍ଧନୟୀ, ପଙ୍କଲବାଡି (ବୁଗୁଡା), ମାଳତିବାଡି ଓ ଆସିକା ନାମସଂର୍କୀନ ଦଳ ଏଥିରେ ଅଂଶ ଗ୍ରହଣ କରିଥିଲେ। କୁମ୍ଭାର ସାହି ସଭାପତି ଗଦାଧର ବେହେରା, ଉପସଭାପତି ପୀତବାସ ବେହେରା, ଅଧିକାରୀ ନରେନ୍ଦ୍ର ବେହେରା, ବିଜୁଳି ବେହେରା, ବାଇନାଥ ବେହେରାଙ୍କ ସମେତ ସାହି ବାସିନ୍ଦାଙ୍କ ସହଯୋଗରେ ଏହି ଆଧାତ୍ମିକ କାର୍ଯ୍ୟ ପରିଚାଳିତ ହୋଇଥିଲା ।

### ଶିକ୍ଷକଙ୍କ ପରଲୋକ

**ସୋରଡା,୩୦।୧୦(ଡି.ଏନ୍.ଏ.):** ସୋରଡା ବ୍ଲକ ଆଦିବାସୀ ବହୁଳ ଗୋଛା ଅଞ୍ଚଳର ଶିକ୍ଷକ ଗୌରି ଜେନା (୪୯)ଙ୍କ ରବିବାର ଅକାଳ ବିୟୋଗ ଘଟିଛି। ସେ ସକାଳୁ ଅସୁସ୍ଥ ଥିବାରୁ ପରିବାର ଲୋକେ ସୋରଡା ସରକାରୀ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ମୃତ୍ୟୁର କାରଣ ଜଣାପଡି ନାହିଁ । ତାଙ୍କର ନିଜ ଘର ଡାବିକି ଥିବା ବେଳେ ସେ ନିକଟ ରାଇଗୋଛା ବିଦ୍ୟାଳୟରେ ଶିକ୍ଷକତା କରୁଥିଲେ।

# ୬ ଜୋନ୍‌ର ଫଳାଫଳ ଘୋଷିତ

## ସରିଲା ସମବାୟ କେନ୍ଦ୍ର ବ୍ୟାଙ୍କ ନିର୍ବାଚନ

**ଆସିକା,୩୦।୧୦(ଡି.ଏନ.ଏ.)**

ଆସିକା ସମବାୟ କେନ୍ଦ୍ର ବ୍ୟାଙ୍କ ପରିଚାଳନା ପରିଷଦର ୬ଟି ଜୋନର ନିର୍ବାଚନ ରବିବାର ଶେଷ ହୋଇଛି । ଭୋଟ ଗଣତି ପରେ ଫଳାଫଳ ଘୋଷଣା କରାଯାଇଛି। ଆସିକା ୧ ନଂ. ଜୋନରୁ ତନୁଲତା ବିଷୋୟୀ, ସାନଖେମୁଣ୍ଡି ୪ ନଂ . ଜୋନରୁ ନାର୍ଶୁ ପ୍ରଧାନ, ସାନଖେମୁଣ୍ଡି–ଦିଗପହଣ୍ଡି ୫ନଂ ଜୋନରୁ ଗଙ୍ଗାଧର ପାତ୍ର, ଭଞ୍ଜନଗର ୮ ନଂ ଜୋନରୁ କେଳା ନାୟକ, ବେଲଗୁଣ୍ଠା ୯ନଂ ଜୋନରୁ ସୁମନ୍ତ କୁମାର ବିଷୋୟୀ ଏବଂ ବୁଗୁଡା ୧୨ନଂ ଜୋନରୁ ନନ୍ଦିନୀ ଭୂୟାଁ ବିଜୟୀ ହୋଇଥିବା ନିର୍ବାଚନ ଅଧିକାରୀ ତଥା ଆସିକା ତହସିଲଦାର ସଞ୍ଜୟ କୁମାର ସାମନ୍ତରାୟ ଘୋଷଣା କରିଛନ୍ତି ।

ସୂଚନାଯୋଗ୍ୟ, ଏହି ବ୍ୟାଙ୍କର ସମୁଦାୟ ୧୫ଟି ଜୋନରୁ ୮ଟି ଜୋନରେ ପ୍ରାର୍ଥୀ ଅପ୍ରତିଦ୍ୱନ୍ଦ୍ୱୀ ଭାବେ ବିଜୟୀ ଘୋଷିତ ହୋଇଥିଲେ । ସେଥିମଧ୍ୟରୁ ଆସିକା ୨ନଂ ଜୋନରୁ ପ୍ରମୋଦ କୁମାର ସ୍ୱାଇଁ, ଶେରଗଡ ୩ନଂ ଜୋନରୁ ଜ୍ୟୋତ୍ସ୍ନା ଗୌଡ, ଧରାକୋଟ ୬ନଂ ଜୋନରୁ ବିପିନୀ ବିହାରୀ ସ୍ୱାଇଁ, ସୋରଡା ୭ ନଂ ଜୋନରୁ ବସନ୍ତ କୁମାର ସ୍ୱାଇଁ, ଜଗନ୍ନାଥପ୍ରସାଦ ୧୦ନଂ ଜୋନ୍‌ରୁ ଜ୍ୟୋତିପ୍ରଭା ବାରିକ, ପୋଲସରା ୧୩ନଂରୁ ରଞ୍ଜନ କୁମାର ସାହୁ, ପୁରୁଷୋତମପୁର ୧୪ ନଂ ଜୋନରୁ ହୃଷୀକେଶ ମେହେଣା ଏବଂ କବିସୂର୍ଯ୍ୟନଗର ୧୫ ନଂ ଜୋନରୁ ମଙ୍ଗଳୁଧର ସାହୁ ଅଛନ୍ତି । ତେବେ ଏହି ବ୍ୟାଙ୍କର ୧୧ ନଂ ଜୋନରେ ଅପ୍ରତିଦ୍ୱନ୍ଦି ପ୍ରାର୍ଥି ବିଧାନସଭା ବାଚସ୍ପତି ବିକ୍ରମ କେଶରୀ ଆରୁଖଙ୍କ ଭାଇ ତଥା ବ୍ୟାଙ୍କର ପୂର୍ବତନ ସଭାପତି ବୀରେନ୍ଦ୍ର କେଶରୀ ଆରୁଖଙ୍କ ନାମାଙ୍କନ ଉପରେ ହୋଇଥିବା ଅଭିଯୋଗରୁ ଆରୁଖଙ୍କ ନାମାଙ୍କନ ଖାରଜ ହୋଇଥିଲା । ଏହି ଜୋନରେ ନିର୍ବାଚନ ପରବର୍ତ୍ତୀ ଅବସ୍ଥାରେ ହେବ ବୋଲି ଜଣାଯାଇଛି । ଆସିକାସ୍ଥିତ ହରିହର ହାଇସ୍କୁଲ ପରିସରରେ ସକାଳ ୭ଟାରୁ ଅପରାହ୍ନ ୪ଟା ଯାଏଁ ମତଦାନ ହୋଇଥିଲା ବେଳେ ଅପରାହ୍ନ ୫ଟାରେ ମତଗଣତି ହୋଇଥିଲା । ନିର୍ବାଚନ ଅଧିକାରୀ ସଂଜୟ କୁମାର ସାମନ୍ତରାୟ ଓ ସହକାରୀ ନିର୍ବାଚନ ଅଧିକାରୀ ପ୍ରମୋଦ କୁମାର ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନିର୍ବାଚନ ଶାନ୍ତିପୂର୍ଣ୍ଣ ହୋଇଥିଲା । ଶାନ୍ତିପୂର୍ଣ୍ଣ ନିର୍ବାଚନ ଲାଗି ଆସିକା ଏସ.ଡି.ପି.ଓ. ଉମାଶଙ୍କର ସିଂ, ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁଙ୍କ ସମେତ ୩ଜଣ ପୋଲିସ ଅଫିସର ଏବଂ ୧ ପ୍ଲାଟୁନ ସଶସ୍ତ୍ର ପୋଲିସ ମତଦାନ କେନ୍ଦ୍ରରେ ମୁତୟନ ରହିଥିଲେ ।



ନିର୍ବାଚନ ଅଧିକାରୀ ଫଳାଫଳ ଘୋଷଣା କରୁଛନ୍ତି।

# ହାଇକୋର୍ଟଙ୍କ ଦ୍ୱାରସ୍ଥ ହେଲେ ବୀରେନ୍ଦ୍ର



ବିଜୟ ପରେ କେଳା ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ୮ ନମ୍ବର ଜୋନ୍‌ରୁ କେଳା, ୯ ନମ୍ବରରେ ସୁମନ୍ତ ବିଜୟୀ

**ଭଞ୍ଜନଗର, ୩୦।୧୦(ଡି ଏନ ଏ)**

ଆସିକା କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ନିର୍ବାଚନ ରବିବାର ଆସିକାରେ ଅନୁଷ୍ଠିତ ହୋଇଥିଲା। ଭଞ୍ଜନଗର ଜୋନ୍ ନଂ.୮ରୁ ବିଜେଡ଼ିର କେଳା ନାୟକ ଓ ଭାଜପାରୁ ବିପ୍ର ଚରଣ ସେଠୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। କେଳା ୧୭୪ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିବା ବେଳେ ବିପ୍ର ୪୭ ଖଣ୍ଡ ଭୋଟ ପାଇଥିଲେ। ବେଲଗୁଣ୍ଠା ଜୋନ ନଂ ୯ ରୁ ବିଜେଡ଼ି ର ସୁମନ୍ତ ବିଶୋଇ ଏବଂ ଭାଜପାର କୃଷ୍ଣ ମୂର୍ତ୍ତି ପାତ୍ର ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଏଥିରେ ସୁମନ୍ତ ବିଜୟୀ ହୋଇଥିଲେ। ସେହିଭଳି ଜଗନ୍ନାଥ ପ୍ରସାଦ ଦୁଇଟି ଜୋନ ମଧ୍ୟରୁ ଗୋଟିଏ ରେ ବିଜେଡ଼ି ର ଜ୍ୟୋତିପ୍ରଭା ବାରିକ ପୂର୍ବରୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଏଥିସହ ପୂର୍ବତନ ଆସିକା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ବୀରେନ୍ଦ୍ର କେଶରୀ ଆରୁଖ ଅନ୍ୟ ଏକ ଜୋନରୁ ନିର୍ଦ୍ଦେଶକ ପଦବୀ ପାଇଁ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। କିନ୍ତୁ ଯାଞ୍ଚ ସମୟରେ ତାଙ୍କ ପ୍ରାର୍ଥିପତ୍ର ନାକଚ କରି ଦିଆଯାଇଥିଲା। ଫଳରେ ବୀରେନ୍ଦ୍ର ନିର୍ଦ୍ଦେଶକ ନିର୍ବାଚିତ ହେବାରୁ ବଞ୍ଚିତ ହୋଇଥିଲେ। ଯାହାକୁ ନେଇ ବିବାଦ ଦେଖାଦେଇଥିଲା। ଏନେଇ ବୀରେନ୍ଦ୍ର ନ୍ୟାୟ ପାଇବା ପାଇଁ ହାଇ କୋର୍ଟ ରେ ଆଶ୍ରୟ ନେଇଛନ୍ତି। ନଭେମ୍ବର ୧୫ ତାରିଖରେ ସଭାପତି ନିର୍ବାଚନ ହେବ। ଏହାପୂର୍ବରୁ ହାଇକୋର୍ଟ ନିଷ୍ପତ୍ତି ଆସିବ ନା ପରେ ଆସିବ ତାହାକୁ ନେଇ ସମସ୍ତେ ଅପେକ୍ଷାରେ ଅଛନ୍ତି।

# ୩ ଜୋନ୍ ପାଇଁ ବିଜେଡି, ଭାଜପା ମୁହାଁମୁହିଁ

## ବ୍ରହ୍ମପୁର ସମବାୟ କେନ୍ଦ୍ରୀୟ ବ୍ୟାଙ୍କର ନିର୍ବାଚନ

**ପାରଳାଖେମୁଣ୍ଡି,୩୦।୧୦(ଡି.ଏନ୍.ଏ.)**

ପାରଳାଖେମୁଣ୍ଡିଠାରେ ଥିବା ବ୍ରହ୍ମପୁର ସମବାୟ କେନ୍ଦ୍ରୀୟ ବ୍ୟାଙ୍କର ୩ ଜୋନ ପାଇଁ ରବିବାର ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜେଡି ଓ ଭାଜପା ସମର୍ଥିତ ପ୍ରାର୍ଥୀମାନଙ୍କ ମଧ୍ୟରେ ମୁହାଁମୁହିଁ ଟକ୍କର ହୋଇଛି। ପାରଳାଖେମୁଣ୍ଡିଠାରେ ଥିବା ମହାରାଜା ବାଳକ ଉଚ୍ଚ ବିଦ୍ୟାଳୟ ପରିସରରେ ଶାନ୍ତିଶୃଙ୍ଖଳାର ସହ ୩ ଜୋନ ଯଥା ଗୋଷାଣୀ ବ୍ଲକର ଗୋଷାଣୀ ଓ ଉପଲଡା ଏବଂ କାଶୀନଗର ବ୍ଲକର କାଶୀନଗର ଯଥା କ୍ରମେ ୧୩, ୧୪ ଓ ୧୫ ନମ୍ବର ଜୋନ ପାଇଁ ନିର୍ବାଚନ ହୋଇଥିଲା। ଏଥିରେ ବିଜେଡି ସମର୍ଥିତ ପ୍ରାର୍ଥୀମାନେ ହେଲେ ଆର୍.ଜ୍ୟୋତି, ବି.ଧନଞ୍ଜୟଲୁ ଓ ୱାଇ. ରାମଚନ୍ଦ୍ର ରାଓ ଏବଂ ଭାଜପା ସମର୍ଥିତ ପ୍ରାର୍ଥୀମାନଙ୍କ ମଧ୍ୟରେ କେ.କିରଣ କୁମାର, ବସନ୍ତ ପଟ୍ଟନାୟକ ଓ ମନୀଷ କାର୍ଜୀ। ୩ଟି ଜୋନ୍‌ରେ ୨୫୦ରୁ ୨୬୦ ସଦସ୍ୟ ତଥା ଭୋଟର ରହିଥିବା ବେଳେ ୧୩ନମ୍ବର ଜୋନ୍‌ରେ ୨୧୦, ୧୪ନମ୍ବର ଜୋନ୍‌ରେ ୨୩୫ଜଣ ଏବଂ ୧୫ନମ୍ବର ଜୋନ୍‌ରେ ୨୧୧ଜଣ ମତସାବ୍ୟ କରିଥିଲେ । ମତଦାନ ପାଇଁ କଡ଼ା ସୁରକ୍ଷା ବଳୟରେ ବ୍ୟବସ୍ଥା ହୋଇଥିବାର ଦେଖିବାକୁ ମିଳିଥିଲା ।

ଶାନ୍ତିଶୃଙ୍ଖଳା ବଜାୟ ରଖିବା ନିମନ୍ତେ ଗଜପତି ଆରକ୍ଷୀ ଅଧୀକ୍ଷକ ଜୟରାମ ଶତପଥୀଙ୍କ ନିର୍ଦ୍ଦେଶ କ୍ରମେ ପାରଳାଖେମୁଣ୍ଡି ଏସ୍‌ଡିପିଓ ରାମକୃଷ୍ଣ ପତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗୁରାଣ୍ଡି ଥାନା ଅଧିକାରୀ ରବୀନ୍ଦ୍ର କୁମାର ପାତ୍ର, କାଶୀନଗର ଥାନାଧିକାରୀ ସୁଶାନ୍ତ କୁମାର ସାହୁ ପ୍ରମୁଖଙ୍କ ସମେତ ବ୍ୟାପକ ପୋଲିସ ମୁତୟନ ହୋଇଥିବାର ଦେଖିବାକୁ ମିଳିଥିଲା। ନିର୍ବାଚନ ସମାପନ ପରେ ସମସ୍ତ ଭୋଟବାକ୍ସକୁ କଡ଼ା ସୁରକ୍ଷା ମଧ୍ୟରେ ଗଣତି ପାଇଁ ବ୍ରହ୍ମପୁର ଅଭିମୁଖେ ପଠାଯାଇଛି। ଏହି ନିର୍ବାଚନ ସମୟରେ ସ୍ଥାନୀୟ ହାଇସ୍କୁଲ ଛକଠାରେ ଉଭୟ ବିଜେଡି ଓ ଭାଜପାର ବହୁ ନେତାମାନେ ଉପସ୍ଥିତ ରହି ନିଜ ନିଜର ଦଳୀୟ ପ୍ରାର୍ଥୀଙ୍କୁ ଭୋଟ ଦେବା ପାଇଁ ନିବେଦନ କରୁଥିବାର ଲକ୍ଷ୍ୟ କରାଯାଇଥିଲା।

# ନନ୍ଦିନୀ ବୁଗୁଡ଼ା ଜୋନ୍ ନିର୍ଦ୍ଦେଶିକା



ନନ୍ଦିନୀ ଭୂୟାଁ ଓ ଅନ୍ୟମାନେ।

**ବୁଗୁଡ଼ା,୩୦।୧୦(ଡି.ଏନ.ଏ.)**

ଆସିକା କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ଡାଇରେକ୍ଟର ପଦବୀ ନିର୍ବାଚନରେ ବୁଗୁଡ଼ା ୧୨ ନମ୍ବର ଜୋନର ନନ୍ଦିନୀ ଭୂୟାଁ ନିର୍ବାଚିତ ହୋଇଛନ୍ତି। ରବିବାର ଆସିକା ହରିହର ହାଇସ୍କୁଲ କେନ୍ଦ୍ରରେ ବୁଗୁଡା ଜୋନର ୨୨୬ ଜଣ ମତଦାତାଙ୍କ ମଧ୍ୟରୁ ୨୨୨ ଜଣ ଭୋଟ ଦେଇଥିଲେ। ସନ୍ଧ୍ୟା ସୁଦ୍ଧା ନନ୍ଦିନୀ ଭୂୟାଁ ୧୬୭ ଖଣ୍ଡ ଭୋଟ ଓ ନର୍ମଦା ପରିଡା ୫୨ ଖଣ୍ଡ ଭୋଟ ପାଇଥିବା ବେଳେ ୩ ଖଣ୍ଡ ଭୋଟ ନାକଚ ହୋଇଥିଲା। ଶେଷରେ ଫଳାଫଳ ଅନୁସାରେ ନିର୍ବାଚନ ଅଧିକାରୀ ତଥା ଆସିକା ତହସିଲଦାର ସଞ୍ଜୟ କୁମାର ସାମନ୍ତରାୟ ଡାଇରେକ୍ଟର ଭାବେ ନନ୍ଦିନୀ ଭୂୟାଁଙ୍କୁ ବିଜୟୀ ଘୋଷଣା କରିଥିଲେ। ଏହି ଅବସରରେ ବିଜୟିନୀ ନନ୍ଦିନୀଙ୍କୁ ଶ୍ରମ ମନ୍ତ୍ରୀ ଶ୍ରୀକାନ୍ତ ସାହୁଙ୍କ ସମେତ ବ୍ଲକ ଉପାଧ୍ୟକ୍ଷ ମାନସ ରଞ୍ଜନ ପ୍ରଧାନ, ପାଙ୍ଗିଡି ସରପଞ୍ଚ ଭାଗ୍ୟଲତା ବିଷୋୟୀ, ବୁଗୁଡ଼ା ନଗର ସଭାପତି କେ.ତ୍ରିଲୋଚନ ଦୋରା, ସାଂସଦ ପ୍ରତିନିଧି ବସନ୍ତ କୁମାର ଦଳେଇ ଏବଂ ବିଜେଡିର ଅନ୍ୟାନ୍ୟ କର୍ମକର୍ତ୍ତା ଶୁଭେଚ୍ଛା ଜ୍ଞାପନ କରିଥିଲେ।

# ସ୍ୱଳ୍ପ ସଞ୍ଚୟ ସଚେତନତା ରଥ ଉଦ୍‌ଘାଟିତ

**ଛତ୍ରପୁର,୩୦।୧୦(ଡି.ଏନ.ଏ.)**

ଛତ୍ରପୁରଠାରେ ଗଞ୍ଜାମ ଜିଲାସ୍ତରୀୟ ବିଶ୍ୱ ମିତବ୍ୟୟିତା ଦିବସ ଜିଲା ପ୍ରଶାସନ ଓ ଜିଲା ସଳ୍ପ ସଞ୍ଚୟ ବିଭାଗ ତରଫରୁ ରବିବାର ପାଳିତ ହୋଇଯାଇଛି। ଜିଲାପାଳ ଦିବ୍ୟଜ୍ୟୋତି ପରିଡା ଏଥିରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଜନ ସଚେତନତା ନିମନ୍ତେ ବାହାରିଥିବା ସ୍ୱଳ୍ପ ସଞ୍ଚୟ ରଥ ଉଦଘାଟନ କରି ଏହି ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଉପସ୍ଥିତ ଜନସାଧାରଣ୍ଣ ଅବଗତ କରାଇଥିଲେ। ଜନସାଧାରଣ ନିଜ ଅର୍ଜିତ ଧନକୁ ସନ୍ଦିଗ୍ଧ, ଅଣ ବ୍ୟାଙ୍କିଙ୍ଗ, ବେସରକାରୀ ଅର୍ଥ ଲଗାଣକାରୀ ସଂସ୍ଥାରେ ନ ରଖି ସରକାରୀ ସ୍ୱୀକୃତିପ୍ରାପ୍ତ ନିର୍ଭର ଯୋଗ୍ୟ ଅନୁଷ୍ଠାନରେ ରଖନ୍ତୁ ବୋଲି କହିଥିଲେ। ଜିଲାରେ ସଳ୍ପ ସଞ୍ଚୟ ବିଭାଗର ଲକ୍ଷ୍ୟ ଧାର୍ଯ୍ୟ ଠାରୁ ଅଧିକ ଜମାରାଶି ରଖିଥିବା ଯୋଗୁ ଏହି କାର୍ଯ୍ୟରେ ନିୟୋଜିତ ଏଜେଣ୍ଟମାନଙ୍କୁ ଜିଲାପାଳ ଧନ୍ୟବାଦ ଜଣାଇଥିଲେ । ଅତିରିକ୍ତ ଜିଲାପାଳ ଲିନା କୁମାରୀ ଖେସ ଅନ୍ୟତମ ସମ୍ମାନିତ ଅତିଥି ରୂପେ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ଜିଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ହରି ଚରଣ ମିଶ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମକୁ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରାଙ୍କ ପରିଚାଳନା କରିଥିଲେ। ସଳ୍ପ ସଞ୍ଚୟ ରଥ ଛତ୍ରପୁର ସହର, ଚମାଖଣ୍ଡି, ବ୍ରହ୍ମପୁର ସହରରେ ପରିଭ୍ରମଣ କରି ଜନସଚେତନତା ସୃଷ୍ଟି କରିଥିଲା । ସଳ୍ପ ସଞ୍ଚୟ ବିଭାଗ ପକ୍ଷରୁ ସଂଗୃହୀତ ସଚେତନତା ଭିଡିଓ ସଚେତନତା ରଥରେ ପ୍ରଦର୍ଶିତ ହୋଇଥିଲା । କାର୍ଯ୍ୟକ୍ରମରେ ବ୍ରହ୍ମପୁର ଉପଖଣ୍ଡ ସ୍ୱଳ୍ପ ସଞ୍ଚୟ ଅଧିକାରୀ ସୁମନା ପଣ୍ଡା, ଭଞ୍ଜନଗର ଉପଖଣ୍ଡ ସ୍ୱଳ୍ପ ସଞ୍ଚୟ ଅଧିକାରୀ ସନ୍ତୋଷ କୁମାର ରଥ, ଜିଲା ସଂସ୍କୃତି ଅଧିକାରୀ ଜିତେନ ପରିଡା, ସଳ୍ପ ସଞ୍ଚୟ ଏଜେଣ୍ଟ ସଂଗଠନର ସଭାପତି ଅଶ୍ୱିନୀ କୁମାର ପଟ୍ଟନାୟକ, ସମ୍ପାଦକ ଉଦୟ ନାଥ ମହାନ୍ତି, କୋଷାଧକ୍ଷ ବିନୋଦ କୁମାର ରାଉତ, ଛତ୍ରପୁର ସହର ସଳ୍ପ ସଞ୍ଚୟ ପ୍ରତିନିଧି ପ୍ରଭକାର ରାଓ, ପ୍ରସନ୍ନ ପାତ୍ର, କ୍ଷୀରୋଧ ରଥ, ବ୍ରହ୍ମପୁର ଓ ଭଞ୍ଜନଗର ଉପଖଣ୍ଡର କର୍ମକର୍ତ୍ତା ଉପସ୍ଥିତ ଥିଲେ ।




ସଚେତନତା ରଥକୁ ପତାକା ଦେଖାଇ ଶୁଭାରମ୍ଭ କରାଯାଉଛି।

# ବେଆଇନ କାର୍ଯ୍ୟରେ ଜଡ଼ିତ ହେଲେ କାର୍ଯ୍ୟାନୁଷ୍ଠାନ



ବୈଠକରେ ଉପସ୍ଥିତ ଅଧିକାରୀ ।

## ଆମ ପୋଲିସ ସମିତି ବୈଠକ

**ଭଞ୍ଜନଗର,୩୦।୧୦(ଡି.ଏନ.ଏ)**

ଭଞ୍ଜନଗର ବ୍ଲକ ମୁଦୁଲିପଲ୍ଲୀ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆମ ପୋଲିସ ସମିତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି । ଭଞ୍ଜନଗର ଏସ୍‌ଡିପିଓ ଶୁଭ୍ରାଂଶୁ ମିଶ୍ର, ଥାନା ଅଧିକାରୀ ଧିରେଶ ଦାସ, ସଭ୍ୟ କୃତିବାସ ବିଶ୍ୱାଳ, ଡ଼.ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ଶିକ୍ଷକ ନେତା ଜଗବନ୍ଧୁ ଜେନା, ସରପଞ୍ଚ ଇଂ.କାହ୍ନୁ ଚରଣ ପ୍ରଧାନ, ସୁଶାନ୍ତ ମହାପାତ୍ର, ଲବଙ୍ଗଲତା ବେହେରା, ଗୀତା ସୁବୁଦ୍ଧି, ବିଷ୍ଣୁପ୍ରିୟା ସେନାପତି, ରବି ନାରାୟଣ ମହାନ୍ତି, ମୃତ୍ୟୁଞ୍ଜୟ ସେନାପତି ପ୍ରମୁଖ ଅତିଥି ଭାବେ ଯୋଗଦେଇ ଗୁଣି ଗାରେଡ଼ି ଭଳି ଅନ୍ଧ ବିଶ୍ୱାସ ଉପରେ ଉପସ୍ଥିତ ଲୋକଙ୍କୁ ସଚେତନ କରାଇଥିଲେ । ଏବେ ବି ଏଭଳି ଅନେକ ବେନିୟମ କାର୍ଯ୍ୟ ହେଉଛି । କୁଳ ସମାଜ ପକ୍ଷରୁ ବିଭିନ୍ନ ସମୟରେ ଜାତିର ଲୋକଙ୍କୁ ଜରିମାନା ପକାଯିବା ସହ ସାମାଜିକ ବାସନ୍ଦ କରାଯାଉଛି। ଏହା ସମ୍ପୂର୍ଣ୍ଣ ବେଆଇନ। ଏଥିପ୍ରତି କୂଳର କର୍ମକର୍ତାମାନେ ସଚେତନ ନ ହେଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବୈଠକରେ କୁହାଯାଇଛି। ଅନ୍ୟପକ୍ଷରେ ଜନସାଧାରଣ ସାଇବର ଠକେଇ ସଚେତନ ରହିବାକୁ କୁହାଯାଇଛି। ଏହି ଅବସରରେ ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁପମ ବାନାର୍ଜି ସଭା ସଂଯୋଜନା କରିଥିବା ବେଳେ ସମିତିସଭ୍ୟ ଲକ୍ଷ୍ମୀ ନାରାୟଣ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

# ମିନିଟ୍ରକ୍–ଅଟୋ ମୁହାଁମୁହିଁ, ୩ ଗୁରୁତର

**ଶେରଗଡ଼,୩୦।୧୦(ଡି.ଏନ.ଏ.)**

ଶେରଗଡ଼ ନିକଟସ୍ଥ ରାମଗିରି ବିଦ୍ୟାଳୟ ସମ୍ମୁଖ ରାସ୍ତାରେ ରବିବାର ଏକ ମିନିଟ୍ରକ୍ ସହ ଅଟୋ ମୁହାଁମୁହିଁ ଟକ୍କା ହୋଇଥିଲା। ଏଥିରେ ୩ ଜଣ ଗୁରୁତର ହୋଇଛନ୍ତି। ବଡ଼ଗଡ଼ରୁ ବ୍ରହ୍ମପୁର ଯାଉଥିବା ମିନି ଟ୍ରକ୍‌ଟି ରାମଗିରି ପ୍ରାଥମିକ ବିଦ୍ୟାଳୟ ନିକଟରେ ଶେରଗଡ ପଟୁ ଆସୁଥିବା ଏକ ଡାଲା ଅଟୋକୁ ଧକ୍କା ଦେଇଥିଲା। ଫଳରେ ଅଟୋ ଚାଳକ ଶିବ ପ୍ରଧାନ,ବସିଥିବା ଲିଚି ଡାକୁଆ, ସୁଧାଂଶୁ ନାୟକ ଗୁରୁତର ହୋଇଥିଲେ। ସମସ୍ତଙ୍କୁ ନିକଟସ୍ଥ ଶେରଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଛି। ଶେରଗଡ ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡିଗୁଡିକୁ ଜବତ କରି ଘଟଣାର ତଦନ୍ତ ଚଳାଇଛି।

# ବିଜେଡି ପଦଯାତ୍ରା ଉଦ୍‌ଯାପିତ

**ଭଞ୍ଜନଗର,୩୦।୧୦(ଡି.ଏନ୍.ଏ.)**

ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରୁ ଆରମ୍ଭ ହୋଇଥିବା ବିଜେଡ଼ିର ଜନସମ୍ପର୍କ ପଦଯାତ୍ରା ଭଞ୍ଜନଗର ଏନଏସିରେ ରବିବାର ଉଦ୍‌ଯାପିତ ହୋଇଛି। ଶେଷ ଦିନ ଯୁବି ହାଇସ୍କୁଲ ଛକରୁ ପଦଯାତ୍ରା ବାହାରି ୱାର୍ଡ଼ ନଂ ୧୪ ପର୍ଯ୍ୟନ୍ତ ଯାଇଥିଲା। ଏହି ଅବସରରେ ବିଭିନ୍ନ ସ୍ଥାନରେ ହୋଇଥିବା ପଥପ୍ରାନ୍ତ ସଭା ଗୁଡ଼ିକରେ ନଗର ବିଜେଡ଼ି ସଭାପତି ରାଜେନ୍ଦ୍ର ବିଷୋୟୀ ଅଧକ୍ଷତା କରିଥିଲେ। ବ୍ଲକ ଅଧକ୍ଷ ନରୀସଭା ନାୟକ, ଉପାଧକ୍ଷା ରାଜଲକ୍ଷ୍ମୀ ପ୍ରଧାନ, ଏନଏସି ଅଧକ୍ଷ ଗୋପବନ୍ଧୁ ମହାପାତ୍ର, ପୂର୍ବତନ ଏନଏସି ଅଧକ୍ଷ ସୁଧୀର ରଞ୍ଜନ ବେହେରା, ଏନ୍ଏସି ଏମ୍‌ପି ପ୍ରତିନିଧି ପଞ୍ଚାନନ ପାଳ, ବରିଷ୍ଠ ସଙ୍ଗଠକ ସୁବଳ ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାର ଲୋକଙ୍କ ବିକାଶ ପାଇଁ କରିଥିବା ବିଭିନ୍ନ ଯୋଜନା ସମ୍ପର୍କରେ କହିଥିଲେ ।

# ଅଗ୍ନିଶମ ବିଭାଗର ମକ୍‌ଡ୍ରିଲ



ଅଗ୍ନିଶମ ବିଭାଗ ପକ୍ଷରୁ ମକ୍‌ଡ୍ରିଲ କରାଯାଉଛି।

**ଆର.ଉଦୟଗିରି,୩୦।୧୦(ଡି.ଏନ.ଏ.)**

ଆର.ଉଦୟଗିରି ବ୍ଲକ କାର୍ଯ୍ୟାଳୟ ପରିସରରେ ଶନିବାର ସ୍ଥାନୀୟ ଅଗ୍ନିଶମ ବାହିନୀ ପକ୍ଷରୁ ମକଡ୍ରିଲ କରାଯାଇଛି। ଆର.ଉଦୟଗିରି ଅଗ୍ନିଶମ ବିଭାଗ ଏଏସଆଇ କୁନା ଦଳାଇଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଭାଗର ସମସ୍ତ କର୍ମଚାରୀ ଉପସ୍ଥିତ ରହି ବନ୍ୟା, ବତ୍ୟା, ଭୂମିକମ୍ପ ଭଳି ପ୍ରାକୃତିକ ବିପର୍ଯ୍ୟୟ ସମୟରେ କିଭଳି ନିଜକୁ ସୁରକ୍ଷିତ ରଖାଯାଇପାରିବ ସେ ସମ୍ପର୍କରେ କହିଥିଲେ। ଏଥିସହ ଆକସ୍ମିକ ଅଗ୍ନିକାଣ୍ଡ, ଗ୍ୟାସ ସିଲିଣ୍ଡରରେ ନିଆଁ ଲାଗିବା ଏବଂ ରାସ୍ତାରେ ଗଛ ପଡିଥିଲେ ତାକୁ କିଭଳି କାଟି ସଫା କରାଯାଇପାରିବ ସେ ନେଇ ଉପସ୍ଥିତ ଜନସାଧାରଣଙ୍କୁ ତାଲିମ ଦେଇଥିଲେ। କାର୍ଯ୍ୟକ୍ରମରେ ବିଡିଓ ଲରିମନ ଖର୍ସେଲ, ତହସିଲଦାର ସୁବାରାମ ଶବର, ଡାକ୍ତର ନିବେଦିତା ପଣ୍ଡା, ଲଳିତା ପୂଜାରୀଙ୍କ ସମେତ କର୍ମଚାରୀ ଓ ଶତାଧିକ ଜନସାଧାରଣ ସାମିଲ ହୋଇଥିଲେ।

# ବ୍ଲକ ସ୍ତରୀୟ ସୁରଭି କାର୍ଯ୍ୟକ୍ରମ

**ଆର.ଉଦୟଗିରି/ଧରାକୋଟ, ୩୦।୧୦ (ଡି.ଏନ.ଏ.)**

ମୋହନାରେ ବ୍ଲକ ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକରେ ଥିବା ୨୨ କ୍ଲଷ୍ଟରରୁ ପ୍ରାୟ ୨୦୦ ପ୍ରତିଯୋଗୀ ଗୀତ, ଚିତ୍ରାଙ୍କନ, କୁଇଜ, ତର୍କ, ବକ୍ତୃତା, ପ୍ରବନ୍ଧ, ସଚେତମ ଧର୍ମୀ ଦଳଗତ ନୃତ୍ୟ ଓ ସୃଜନଶୀଳ ଲେଖନୀ ଉଭୟ କନିଷ୍ଠ ଓ ବରିଷ୍ଠ ବର୍ଗରେ ପ୍ରତିଯୋଗୀତା ଆୟୋଜନ କରାଯାଇଥିଲା। ଏହି ଉପଲକ୍ଷେ ଆୟୋଜିତ ସଭାରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦେବଦାସ ତାମରାପୁ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ବ୍ଲକ ଅଧକ୍ଷ ରଂଜୀବ, ସମ୍ମାନିତ ଅତିଥି ଜିଲା ପରିଷଦ ସଭ୍ୟ ରାଜେନ୍ଦ୍ର ମଳିକ, ସୁନୀଲ କୁମାର ବିଷୋୟୀ ଯୋଗ ଦେଇଥିଲେ। ଏବିଇଓ ସହଶିକ୍ଷା କାର୍ଯ୍ୟକ୍ରମର ସୂଚନା ଦେଇଥିଲେ। ଧରାକୋଟ ସ୍ଥିତ ଶ୍ରୀରାଜ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ବ୍ଲକ ଶିକ୍ଷା ଅଧିକାରୀ କରେସ ସେଠୀ ଉଦ୍‌ଘାଟନ କରିଥିଲେ। ଉତ୍ସବରେ ବ୍ଲକ ଶିକ୍ଷା ଅଧିକାରୀ କୋରେଶ ସେଠୀ ସଭାପତିତ୍ୱ କରିଥିଲେ।

# ୧୦ ଦିନରେ ଗଲାଣି ୪ ଜୀବନ

## ଅନଭିଜ୍ଞ ବାଇକ ଚାଳକଙ୍କ ଯୋଗୁ ଦୁର୍ଘଟଣା

**ସୋରଡା,୩୦।୧୦(ଡି.ଏନ୍.ଏ.)**

ସୋରଡ଼ା ଥାନା ଅଞ୍ଚଳରେ ଦ୍ରୁତ ଗାଡିଚାଳନା ସମସ୍ୟା ସୃଷ୍ଟି କରୁଛି। ନାବାଳକ ତଥା ଅନଭିଜ୍ଞମାନେ ଦ୍ରୁତ ଗତିରେ ବାଇକ୍ ଚଲାଉଥିବାରୁ ଦୁର୍ଘଟଣା ବଢୁଛି। ବିଶେଷକରି ଧରାକୋଟ ଥାନା ଅନ୍ତର୍ଗତ ମୁଣ୍ଡମରାଇ ଠାରୁ ସୋରଡା ଦେଇ ପିପଳପଙ୍କା ପର୍ଯ୍ୟନ୍ତ ଜାତୀୟ ରାଜପଥରେ କ୍ଷୀପ୍ରଗତିରେ ବାଇକ୍ ଚଲାଇବା ସମସ୍ତଙ୍କ ମୁଣ୍ଡବ୍ୟଥା ବଢାଇଛି। ଏପରିକି ଗାଡ଼ି ଚଳାଇବା ବେଳେ ହେଲମେଟ ବ୍ୟବହାର ନ କରିବା, ମୋବାଇଲରେ କଥା ହେବା ଓ ଗୋଟିଏ ବାଇକ୍‌ରେ ୩ଜଣ ଯିବା ସାଧାରଣ କଥା ହୋଇଛି। ଯେଉଁଥିପାଇଁ ଦୁର୍ଘଟଣା ଘଟି ଅକାଳରେ ବହୁମୂଲ୍ୟ ଜୀବନ ଚାଲିଯାଉଛି। ସୋରଡା–ଦାରିଙ୍ଗବାଡି ଜାତୀୟ ରାଜପଥର ଘଷିପଡା ନିକଟରେ ୨ ବାଇକ ମୁହାଁମୁହିଁ ଧକ୍କା ଫଳରେ ଉଭୟ ଗାଡିର ୩ ଜଣଙ୍କ ମୃତ୍ୟୁ ଘଟିଥିଲା। ଉକ୍ତ ଦିନ ନୂଆଗଡ ରାସ୍ତାରେ କାର ଧକ୍କାରେ ଜଣେ ୬୫ ବର୍ଷୀୟ ବୃଦ୍ଧଙ୍କ ଜୀବନ ଯାଇଥିଲା। ଗତ ୧୦ଦିନ ମଧ୍ୟରେ ଅଞ୍ଚଳରେ ଦୁର୍ଘଟଣାରେ ୪ ଜଣଙ୍କ ଜୀବନ ଯାଇଥିଲେ ମଧ ଏଥିପ୍ରତି କାହାର ଚେତା ପଶୁନି । ଅନ୍ୟପଟେ ଦ୍ରୁତଗତି ଯୋଗୁ ରାସ୍ତା ପାର୍ଶ୍ୱ ଗ୍ରାମ ଲୋକେ ଭୟଭୀତ ଅବସ୍ଥାରେ ରହୁଛନ୍ତି। କରଡାବାଡି ଗ୍ରାମବାସୀ ଭୟରେ ରାସ୍ତା ପାର୍ଶରେ ଟାୟାର ରଖିବାକୁ ବାଧ ହୋଇଛନ୍ତି। ଯାହାଫଳରେ ସେଠାରେ ଗାଡିଗୁଡିକ ଧୀର ଗତିରେ ଯାଇପାରିବ। ମୋବାଇଲରେ କଥା ହୋଇ ଗାଡି ଚଳାଉଥିବା ଲୋକଙ୍କଠାରୁ ପୋଲିସ ମୋଟା ଅଙ୍କର ଅର୍ଥ ଆଦାୟ କଲେ ଯୁବବର୍ଗ ଏହି ଅଭ୍ୟାସରୁ ନିବୃତ ରହିବେ ବୋଲି ଆଲୋଚନା ହେଉଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୩୧ ଅକ୍ଟୋବର, ୨୦୨୨



## ସଂକ୍ଷେପରେ

### ସିଂହପୁରରେ ଜମୁଛି କାଳୀପୂଜା

**ସିଂହପୁର,୩୦।୧୦(ଡି.ଏନ.ଏ.):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ବଜାରର ବ୍ୟବସାୟୀ ସଂଘ ପକ୍ଷରୁ କାଳୀପୂଜା ୬ଷ୍ଠ ଦିନରେ ପହଞ୍ଚିଛି। ଧୀରେଧୀରେ ଲୋକଙ୍କ ସଂଖ୍ୟା ବୃଦ୍ଧି ପାଉଛି। ପୂଜା ପାଇଁ ବଜାରରେ ଗହଳି ଦେଖିବାକୁ ମିଳୁଛି। ବିଭିନ୍ନ ଅସ୍ଥାୟୀ ଦୋକାନରେ ସନ୍ଧ୍ୟାରେ ଲୋକଙ୍କ ସମାଗମ ହେଉଛି। ପୂଜା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ଭଜନ ସମାରୋହ ଓ ନୃତ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ପୂଜା ପାଇଁ ଅଞ୍ଚଳ ଉତ୍ସବ ମୁଖର ହୋଇ ପଡ଼ିଛି। ଶାନ୍ତି ଶୃଙ୍ଖଳା ପାଇଁ ବ୍ୟବସାୟୀ ସଦସ୍ୟମାନେ ସଜାଗ ରହିଛନ୍ତି। ୩ ତାରିଖରେ ପୂଜା ଉଦ୍‌ଯାପିତ ହେବ।

### ଜିଲା ଲେଖିକା ସଂସଦର ଶିକ୍ଷା ସଚେତନତା

**ଯାଜପୁର ରୋଡ୍,୩୦।୧୦(ଡି.ଏନ.ଏ.):** ଯାଜପୁର ଜିଲା ଲେଖିକା ସଂସଦ ପକ୍ଷରୁ ରବିବାର ମହାବୀର ହାଇସ୍କୁଲଠାରେ ଶିକ୍ଷା ସଚେତନତା ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ପ୍ରଧାନ ଶିକ୍ଷକ ଅରୁଣ କୁମାର ପରିଡ଼ା, କାର୍ତ୍ତିକ ଚନ୍ଦ୍ର ସାହୁ, ଭବେଶ ନନ୍ଦ ସିହ୍ନା, ଧର୍ମରତି ଶତପଥୀ, ପଦ୍ମନାଭ ପତି, ଅନୁଷ୍ଠାନର ସଭାନେତ୍ରୀ ହରଣ୍ମୟୀ ମହାନ୍ତି, ସମ୍ପାଦିକା ବ୍ରଜେଶ୍ୱରୀ ସିଂ, ସନ୍ଧ୍ୟାରାଣୀ ଘଡେଇ, ମଧୁସ୍ମିତା ନାୟକ, ପ୍ରତିଭା ପାତ୍ର, ଅଶାନ୍ତି ସାମଲ, ବିନୋଦିନୀ ଦାଶ, ଜୟନ୍ତୀ ଜେନା, ପ୍ରଜ୍ଞାପ୍ରବର୍ତ୍ତିକା ଦାସ, ଜହ୍ନନା ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

### ଅଗ୍ନି ବିପନ୍ନଙ୍କୁ ସହାୟତା

**ଚଣ୍ଡିଖୋଲ, ୩୦।୧୦(ଡି.ଏନ.ଏ.) :** ବଡଚଣା ବ୍ଲକ ଅନ୍ତର୍ଗତ ଅଣକା ପଞ୍ଚାୟତ ଅନ୍ତର୍ଗତ ମହାଦେଇପୁର ଗାଁରେ ଶୁକ୍ରବାର ବିଳମ୍ବିତ ରାତିରେ ଘର ପୋଡି ଯାଇଥିଲା। ଏଥିରେ ପୀତାମ୍ବର ଦାସଙ୍କ ଘର ସମ୍ପୂର୍ଣ୍ଣ ଜଳିଯିବା ସହ ଘରର ଆସବାବପତ୍ର ପୋଡି ଯାଇଥିଲା। ଏପରି କି ନଗଦ ୫୦ହଜାର ଟଙ୍କା ମଧ ଜଳି ଯାଇଛି। ଚଣ୍ଡିଖୋଲସ୍ଥିତ ଉଦିୟମାନ କଳା ପରିଷଦ ପକ୍ଷରୁ ଖବର ପାଇ ରବିବାର ମହାଦେଇପୁର ଗାଁରେ ପହଞ୍ଚି ପୀତାମ୍ବର ଦାସଙ୍କ ପଚାରିବାର ରାସନ ସାମଗ୍ରୀ, ବାସନ କୁସନ୍, ପୋଷାକ ଓ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲାଏ଼ ଅନିଲ କୁମାର ଦାସ , କାହ୍ନୁ ଚରଣ ସାହୁ, ପ୍ରକାଶ କୁମାର ନାୟକ, ଦିଗମ୍ବର ମହାପାତ୍ର, ଆକାଶ କୁମାର ସାହୁ, ବିପିନ ବିହାରୀ ବିଶ୍ୱାଳ, ସୁଧୀର କୁମାର ସିଂହ, କନକ ଲତା ସାମଲ ସ୍ନେହଲତା ବାରିକ, ଗୀତାଞ୍ଜଳି ମିଶ୍ର ପ୍ରମୁଖ ପହଞ୍ଚି ସହାୟତା ର ହାତ ବଢ଼ାଇ ଥିଲେ।

# ପ୍ରଧାନଶିକ୍ଷକଙ୍କ ଦରମା ବନ୍ଦ ପାଇଁ ସୁପାରିସ

## ଅତିରିକ୍ତ ଜିଲା ଶିକ୍ଷାଧିକାରୀଙ୍କ ୫-ଟି ସ୍କୁଲ ପରିଦର୍ଶନ

**ରସୁଲପୁର,୩୦।୧୦(ଡି.ଏନ.ଏ.)**

ରସୁଲପୁର ବ୍ଲକ ଅନ୍ତର୍ଗତ ରାଉତରାପୁର ପଞ୍ଚାୟତ ଦର୍ଶନ ସରକାରୀ ୫-ଟି ଉଚ୍ଚ ବିଦ୍ୟାଳୟକୁ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ରାଜେଶ କୁମାର ସ୍ୱାଇଁ ପରିଦର୍ଶନ କରିଛନ୍ତି। ଉକ୍ତ ବିଦ୍ୟାଳୟ ପରିଦର୍ଶନ ବେଳେ ଶିକ୍ଷାଦାନ ଓ ଶୈକ୍ଷିକ ପରିବେଶରେ ବ୍ୟାପକ ତ୍ରୁଟି ବିଚ୍ୟୁତି ପରିଲକ୍ଷିତ ହୋଇଥିଲା। ଏହାକୁ ନେଇ ସେ ଅସନ୍ତୋଷବ୍ୟକ୍ତ କରିବା ସହ ଉକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ବସନ୍ତ ସାହୁଙ୍କ ଦରମା ବନ୍ଦ କରିବା ପାଇଁ ଜିଲା ଶିକ୍ଷାଧିକାରୀ ରଞ୍ଜନ କୁମାର ଗିରିଙ୍କୁ ସୁପାରିସ କରିଛନ୍ତି।

୫-ଟି ରୂପାନ୍ତରିକରଣ ହୋଇଥିବା ବିଦ୍ୟାଳୟଗୁଡିକୁ ଜିଲା ଓ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ନିୟମିତ ଯାଞ୍ଚ କରାଯାଉଛି। ଏହିକ୍ରମରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ସ୍ୱାଇଁ ଚଳିତ ମାସ ୨୦ ତାରିଖରେ ବିଦ୍ୟାଳୟ ପରିଦର୍ଶନରେ ଆସିଥିଲେ। ଘଟଣା ଦିନ ବିଦ୍ୟାଳୟ ପରିସରସ୍ଥ ଶୌଚାଳୟର ଅପରିଷ୍କାର ସ୍ଥିତି ଓ ପରିସରରେ ଅଳିଆ ଆବର୍ଜନା ଏଣେତେଣେ ପଡିଥିବା ଦେଖି ବିରକ୍ତି ପ୍ରକାଶ କରିଥିଲେ। ବିଦ୍ୟାଳୟରେ ପଡିଥିବା ଅଳିଆକୁ ସେ ସଫା କରିଦେଇଥିଲେ। ଏହାପରେ ପ୍ରଧାନଶିକ୍ଷକ ସାହୁଙ୍କୁ ଭେଟିବାକୁ ଯାଇ ଦେଖିଲେ ଯେ ସାହୁ ସେହି ସମୟରେ ଉପସ୍ଥିତ ନ ଥିଲେ। ପରିଚାଳନା କମିଟି ସଭାପତିଙ୍କ ସହ ବ୍ୟାଙ୍କକୁ ଯାଇଥିବା ଜାଣିବାକୁ ପାଇଥିଲେ। ରୂପାନ୍ତରିକରଣ ବିଦ୍ୟାଳୟର ଲାଇବ୍ରେରି ଓ ଲାବେରେଟାରୀ ପ୍ରକୋଷ୍ଠକୁ ଦେଖିବାକୁ ବିଫଳ ହୋଇଥିଲେ। ଉକ୍ତ ପ୍ରକୋଷ୍ଠ ଦୁଇଟିର ଚାବିକାଠି ପ୍ରଧାନ ଶିକ୍ଷକଙ୍କ ନିକଟରେ ଉପଲବ୍ଧ ନ ଥିବା ଶିକ୍ଷାଧିକାରୀ ଜାଣିବାକୁ ପାଇଥିଲେ। ସ୍ମାର୍ଟ କ୍ଲାସ ପ୍ରକୋଷ୍ଠକୁ ଛୋଟ ଦର୍ଶାଇ ସେଠାରେ ତଳ ଶ୍ରେଣୀର ବିଦ୍ୟାର୍ଥୀମାନେ ପାଠ ପଢୁଥିବା ଦେଖିବାକୁ ମିଳିଥିଲା। ବିଦ୍ୟାଳୟରେ ୩ଜଣ ଶିକ୍ଷକ ଅନୁପସ୍ଥିତ ଥିଲେ। ଜଣଙ୍କ ବଦଳରେ ୨ଜଣ ଶିକ୍ଷକ ସୁରଭି କାର୍ଯ୍ୟକ୍ରମରେ ଯୋଗଦେବାକୁ ଯାଇଥିଲେ। ଜଣେ ଶିକ୍ଷକ ଡିଜିଟାଲ ଟ୍ରେନିଂ ନେବାକୁ ଯାଇଥିଲେ। ଶିକ୍ଷକମାନଙ୍କୁ ଅନ୍ୟତ୍ର ଯିବାକୁ ଅନୁମତି ଦେଇ ପ୍ରଧାନଶିକ୍ଷକ ସେ ସମ୍ପର୍କରେ କୌଣସି ପଦକ୍ଷେପ ନେଇ ନ ଥିଲେ। ପିଲାଙ୍କୁ ପାଠ ପଢାଇବାକୁ ନେଇ ରୁଟିନରେ କୌଣସି ପରିବର୍ତ୍ତନ ଘଟି ନ ଥିଲା। ଅନ୍ୟପକ୍ଷରେ ସେ ଦାୟିତ୍ୱହୀନ ଭାବରେ ନିଜେ ବିଦ୍ୟାଳୟରେ ଉପସ୍ଥିତ ନ ଥିଲେ। ସହକାରୀ ଶିକ୍ଷକଙ୍କଠାରୁ ଲାଇବ୍ରେରୀ ଓ ଲାବ୍ରୋଟାରୀ ପ୍ରକୋଷ୍ଠ ଚାବିକାଠି ନିଜ ପାଖରେ ରଖି ନ ଥିଲେ। ଏହିଭଳି ଜାବତୀୟ ତ୍ରୁଟି ବିଚ୍ୟୁତି ଦେଖି ଅତିରିକ୍ତ ଜିଲା ଶିକ୍ଷାଧିକାରୀ ସ୍ୱାଇଁ ବିରକ୍ତି ପ୍ରକାଶ କରି ଫେରି ଯାଇଥିଲେ।

ଜିଲା ଶିକ୍ଷାଧିକାରୀ ରଞ୍ଜନ କୁମାର ଗିରିଙ୍କୁ ରିପୋର୍ଟ ପ୍ରଦାନ କରି ପ୍ରଧାନଶିକ୍ଷକଙ୍କ ଦରମା ବନ୍ଦ କରିବାକୁ ସୁପାରିସ କରିଛନ୍ତି ବୋଲି ସେ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି। ଏ ଦିଗରେ ପ୍ରଧାନ ଶିକ୍ଷକ ସାହୁଙ୍କୁ ପଚାରିବାରୁ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ବିଦ୍ୟାଳୟରେ ପହଞ୍ଚିଲାବେଳକୁ ସେ ବ୍ୟାଙ୍କରେ ଥିଲେ। ବିଦ୍ୟାଳୟର କେତେକ କାର୍ଯ୍ୟକୁ ନେଇ ସେ ବ୍ୟାଙ୍କ ଯାଇଥିଲେ। ଲାଇବ୍ରେରୀ ଓ ଲାବରେଟୋରି ଚାବିକାଠି ନ ପାଇ ଶିକ୍ଷାଧିକାରୀ ବିରକ୍ତି ପ୍ରକାଶକରି ଫେରି ଯାଇଥିଲେ। ଏହାପରେ କ'ଣ ହୋଇଛି ସେ ଜାଣି ନାହାନ୍ତି ବୋଲି ପ୍ରକାଶ କରିଛନ୍ତି।

ପ୍ରକାଶଥାଉ କି ସେପ୍ଟେମ୍ବରରେ ବିଦ୍ୟାଳୟରେ ନାନା ଅନିୟମିତାକୁ ନେଇ ପଞ୍ଚାୟତର ଷ୍ଟାଣ୍ଡିଂ କମିଟି ସହ ପ୍ରଧାନଶିକ୍ଷକଙ୍କ ମଧ୍ୟରେ ବିବାଦ ହୋଇଥିଲା। ବିଦ୍ୟାଳୟରେ ଅଭିଭାବକ ମିଟିଂ ଡାକିବାରେ ପ୍ରଧାନଶିକ୍ଷକ ଟାଳଟୁଳନୀତି ଅବଲମ୍ବନ କରିଥିଲେ। ଯାହାକୁ ନେଇ ସ୍ଥାନୀୟ ସରପଞ୍ଚ ସ୍ୱର୍ଣ୍ଣପ୍ରଭା ସାହୁଙ୍କ ପକ୍ଷରୁ ଜିଲା ଶିକ୍ଷାଧିକାରୀଙ୍କୁ ଅଭିଯୋଗ କରାଯାଇଥିଲା।

# ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ ସୁରଭି



ସୁରଭି କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଛାତ୍ରୀଛାତ୍ର।

**ବିଞ୍ଝାରପୁର,୩୦।୧୦(ଡି.ଏନ.ଏ.)**

ବିଞ୍ଝାରପୁର ବ୍ଲକ ଫତେପୁର ପଞ୍ଚାୟତସ୍ଥିତ ପୂର୍ଣ୍ଣଚନ୍ଦ୍ର ଉ.ପ୍ରା ବିଦ୍ୟାଳୟ ପରିସରରେ ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ବିଇଓ ସୁବାସଚନ୍ଦ୍ର ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ନନ୍ଦକିଶୋର ସାମଲ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଜିଲା ପରିଷଦ ସଭ୍ୟ ଖଗେଶର ମହାନ୍ତି, ସମ୍ମାନିତ ଅତିଥି ଜିଲା ପରିଷଦ ସଭ୍ୟା ସୁନିତା ନାୟକ, ଅହଲ୍ୟା ସ୍ୱାଇଁ, ବିଆରସିସି ସେକ ନେଜାମୁଦ୍ଦିନ, ଏବିଇଓ ପ୍ରଫୁଲ୍ଲ ଚନ୍ଦ୍ର ବଳ, ସରପଞ୍ଚ ମାଧବୀଲତା ସାହୁ, ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି କୈଳାସଚନ୍ଦ୍ର ସେଠୀ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କ ଅନ୍ତର୍ନିହିତ ପ୍ରତିଭା ବିକାଶ ସମ୍ପର୍କରେ ବହୁ ମୂଲ୍ୟବାନ ପରାମର୍ଶ ଦେବାସହ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ରବିନାରାୟଣ ମହାନ୍ତି, ସମ୍ପାଦକ ଅକ୍ଷୟ କୁମାର ସାମଲଙ୍କ ସମେତ କର୍ମକର୍ତ୍ତା, ନୂତନ ପେନସନ ଭୁକ୍ତ ଯୋଜନା ସଂଘର କର୍ମକର୍ତ୍ତା, ସମସ୍ତ ସିଆରସିସି ଓ ଶିକ୍ଷକ ସହଯୋଗ କରିଥିଲେ।

# ଶିଶୁ ସୁରକ୍ଷା କମିଟି, ଟାସ୍କଫୋର୍ସ ଗଠନ ସମ୍ପର୍କିତ କର୍ମଶାଳା



କର୍ମଶାଳାରେ ଯୋଗ ଦେଇଥିବା ଅତିଥି ଓ ଅନ୍ୟମାନେ।

**ରସୁଲପୁର, ୩୦।୧୦ (ଡି.ଏନ.ଏ.)**

ରସୁଲପୁର ବ୍ଲକ ଅଧୀନସ୍ଥ ୨୮ ପଞ୍ଚାୟତରେ ଶିଶୁ ସୁରକ୍ଷା ଓ ବାଲ୍ୟ ବିବାହ ନିଷେଧ ଦାୟିତ୍ୱ ପଞ୍ଚାୟତ ହାତରେ। ପ୍ରତି ପଞ୍ଚାୟତରେ ଶିଶୁ ସୁରକ୍ଷା କମିଟି ଓ ଟାସ୍କଫୋର୍ସ ଗଠନ କରିବା ଉପରେ କର୍ମଶାଳା ଜରିଆରେ ଗୁରୁତ୍ୱାରୋପ କରାଯାଇଛି। ଶିଶୁମାନେ ଦେଶର ମେରୁଦଣ୍ଡ, ସେମାନଙ୍କ ସୁସ୍ଥ ଜୀବନ ଓ ଉଜ୍ଜ୍ୱଳ ଭବିଷ୍ୟତ ଉପରେ ଚିନ୍ତା କରିବା ପ୍ରତ୍ୟେକ ନାଗରିକର ନୈତିକ ଦାୟିତ୍ୱ ହେବା ଆବଶ୍ୟକ। ଏହାଛଡ଼ା ଶିକ୍ଷିତ ସମାଜରେ ବାଲ୍ୟ ବିବାହ ପ୍ରଥା ଏକ ଘୃଣ୍ୟ ପରମ୍ପରା। ଏହାକୁ ବନ୍ଦ କରିବା ଓ ଅସୁରକ୍ଷିତ ଶିଶୁମାନଙ୍କୁ ସୁରକ୍ଷା ଦେବା ପାଇଁ ଏକ ଟାସ୍କଫୋର୍ସ ଗଠନ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ସରପଞ୍ଚମାନେ ପଞ୍ଚାୟତସ୍ତରୀୟ ଶିଶୁ ସୁରକ୍ଷା କମିଟି ଓ ଟାସ୍କଫୋର୍ସର ଅଧକ୍ଷ ଅଟନ୍ତି। ତାଙ୍କ ଅଧୀନରେ କାର୍ଯ୍ୟରତ ଅଙ୍ଗନୱାଡି କର୍ମୀ, ସ୍ୱେଚ୍ଛାସେବୀ, ଶିକ୍ଷକ, ଆଶା, ସ୍ୱାସ୍ଥ୍ୟକର୍ମୀ, ପଞ୍ଚାୟତର ନିର୍ବାଚିତ ପ୍ରତିନିଧିଗଣଙ୍କୁ ନେଇ କମିଟି ଗଠନ କରିବା ସହ ସେମାନଙ୍କ ଦାୟିତ୍ୱ ସମ୍ପର୍କରେ ଅବଗତ କରାଇବା ପାଇଁ ବୈଠକ ଜରିଆରେ ପରାମର୍ଶ ଦିଆଯାଇଛି। ଜିଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶିଶୁ ସୁରକ୍ଷା କମିଟି ଓ ଟାସ୍କଫୋର୍ସ ଗଠନ ସମ୍ପର୍କିତ କର୍ମଶାଳାରେ ରସୁଲପୁର ପଞ୍ଚାୟତ ସମିତି ଅଧକ୍ଷ ଅରୁଣ କୁମାର ରାଉତ, ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ଦିବ୍ୟକାନ୍ତି ମିଶ୍ର, ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବିଶ୍ୱ ରଞ୍ଜନ କର, ଡାକ୍ତର ବସନ୍ତ କୁମାର ପଣ୍ଡା ପ୍ରମୁଖ ଯୋଗଦେଇ ଉକ୍ତ ସମ୍ବେଦନଶୀଳ ବିଷୟକୁ ଗୁରୁତ୍ୱ ଦେବାକୁ ମତ ରଖିଥିଲେ। ସମ୍ବଳ ଅଧିକାରୀ ଆଇନଜୀବୀ ତପନ କୁମାର ପଣ୍ଡା, ଡାକ୍ତର ରୁଦ୍ର ନାରାୟଣ ପଣ୍ଡା ଶିଶୁମାନଙ୍କ ସୁରକ୍ଷା ଓ ଜୁଭେଲାଇନ ଆଇନ ସମ୍ପର୍କରେ ଅବଗତ କାଇଥିଲେ।

## ସିଂହପୁର ବଜାରରୁ ଚୋରି

**ସିଂହପୁର,୩୦।୧୦ (ଡି.ଏନ.ଏ.)**

ବିଞ୍ଝାରପୁର ଥାନା ଅନ୍ତର୍ଗତ ସିଂହପୁର ବଜାରର ଅଭୟ କୁମାର ଜେନାଙ୍କ ପାନ ଦୋକାନରୁ ଚୋରି ହୋଇଛି। ଶୁକ୍ରବାର ରାତିରେ ଦୁର୍ବୃତ୍ତମାନେ କବାଟ ତାଡି ନଗଦ ଟଙ୍କା ସମେତ ଦୋକାନର ବିଭିନ୍ନ ଷ୍ଟେସନାରୀ ଜିନିଷ ଚୋରି କରିନେଇଛନ୍ତି। ଏ ସମ୍ପର୍କରେ ଜେନା ଜରି ଫାଣ୍ଡିରେ ଅଭିଯୋଗ କରିଛନ୍ତି। ଫାଣ୍ଡିଅଧିକାରୀ ଅମୂଲ୍ୟ ମିଶ୍ର ପହଞ୍ଚି ଘଟଣାର ତଦନ୍ତ କରିଛନ୍ତି। ସିଂହପୁର ବଜାରରେ କାଳୀପୂଜା ଉତ୍ସବ ପାଳନ ହେଉଥିବା ବେଳେ ଚୋରି ଘଟଣା ବ୍ୟବସାୟୀଙ୍କ ମଧ୍ୟରେ ଆଲୋଡନ ସୃଷ୍ଟି କରିଛି। ତେଣୁ ବଜାରରେ ପୋଲିସ ପାଟ୍ରୋଲିଂ କଡ଼ାକଡ଼ି କରିବାକୁ ବ୍ୟବସାୟୀମାନେ ଦାବି କରିଛନ୍ତି।

## ବାଲି ବୋଝେଇ ଟ୍ରାକ୍ଟର ଜବତ: ମାଲିକ, ଚାଳକ ଗିରଫ

**ଧର୍ମଶାଳା,୩୦।୧୦(ଡି.ଏନ.ଏ.)**

ଧର୍ମଶାଳା ତହସିଲ ଜେନାପୁର ଥାନା ସମ୍ପାରୁ ପଞ୍ଚାୟତ ଅନ୍ତର୍ଗତ କାଇଁଚମାଳିଆ ଗ୍ରାମ ନିକଟସ୍ଥ କୁଆଁରିଆ ନାଳରୁ ବେଆଇନ ଭାବେ ବାଲି ପରିବହନ କରୁଥିବା ଏକ ଟ୍ରାକ୍ଟରକୁ ପୋଲିସ ଜବତ କରିବା ସହ ଟ୍ରାକ୍ଟର ମାଲିକ ଓ ଡ୍ରାଇଭରଙ୍କୁ ଗିରଫ କରିଛି। ରବିବାର କାଇଁଚମାଳିଆ ନିକଟସ୍ଥ କୁଆଁରିଆ ନାଳରୁ ଓଡି-୦୪-ଜି-୬୮୯୧ ନଂ. ଟ୍ରାକ୍ଟର ବାଲି ବୋଝେଇ କରି ଅନ୍ୟତ୍ର ଚାଲାଣ କରୁଥିବା ବେଳେ ଜେନାପୁର ପୋଲିସ ଟ୍ରାକ୍ଟରକୁ ଅଟକାଇ କାଗଜପତ୍ର ଯାଞ୍ଚ କରିଥିଲା। ମାତ୍ର ଡ୍ରାଇଭର ଆବଶ୍ୟକ କାଗଜପତ୍ର ଦେଖାଇ ପାରି ନ ଥିଲେ। ଫଳରେ ପୋଲିସ ବାଲି ବୋଝେଇ ଟ୍ରାକ୍ଟରକୁ ଜବତ କରିବା ସହ ଏହି ଗ୍ରାମର ଟ୍ରାକ୍ଟର ମାଲିକ ପ୍ରଦୀପ ମଲିକ (୩୫) ଓ ଡ୍ରାଇଭର ବାଟିଯୋଡ଼ା ଗ୍ରାମର ରଞ୍ଜନ ଦେଉରୀ (୩୩)ଙ୍କୁ ଗିରଫ କରିଥିଲା। ଏନେଇ ଜେନାପୁର ଥାନାରେ ନଂ.୩୦୨/୨୨ରେ ଏକ ମାମଲା ରୁଜୁ ହୋଇଛି। ଟ୍ରାକ୍ଟର ମାଲିକ ଓ ଡ୍ରାଇଭରଙ୍କୁ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି।

## ମୃଗତନ୍ଦ୍ରାର ବାର୍ଷିକ ଉତ୍ସବ

**ଯାଜପୁର ରୋଡ୍,୩୦।୧୦(ଡି.ଏନ.ଏ.)**

ମୃଗତନ୍ଦ୍ରା ସାହିତ୍ୟ ପତ୍ରିକାର ଲୋକାର୍ପଣ ଓ ବାର୍ଷିକ ଉତ୍ସବ ରବିବାର ଏକ ହୋଟେଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଡ. ଅକ୍ଷୟ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର ମୁଖ୍ୟଅତିଥି, ସାହିତ୍ୟିକ ଘନ ପରିଡ଼ା ମୁଖ୍ୟବକ୍ତା, କେନ୍ଦୁଝର ଜିଲା ପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ପିନାକୀ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅଧ୍ୟାପିକା ପ୍ରଜ୍ଞାପ୍ରବର୍ତ୍ତିକା ଦାସଙ୍କ ପରିଚାଳନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ବ୍ରଜେଶ୍ୱରୀ ସିଂ, ପୁଷ୍ପାଞ୍ଜଳି ମିଶ୍ର, ମଧୁସ୍ମିତା ନାୟକ, ସନ୍ଧ୍ୟା ଘେଡେଇ, ଶିବାଷିତ ପାତ୍ରୀ, ହରପ୍ରସାଦ ସୁଆର, ବିକାଶ ଦାସ, ଆଶିଷ ବଳ ପ୍ରମୁଖ କବିତା ପାଠ କରିଥିଲେ। ଏହି ଅବସରରେ ୧୦ ଜଣ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୁଦାମ ଚରଣ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।




ଯାଜପୁର ରୋଡ୍‌ର ଏକ ହୋଟେଲ ପରିସରରେ ରବିବାର ମୃଗତନ୍ଦ୍ରା ସାହିତ୍ୟ ପତ୍ରିକାକୁ ଅତିଥି ଲୋକାର୍ପଣ କରୁଛନ୍ତି।

## ପଞ୍ଚମ ବାର୍ଷିକ ସୋଲର କପ କ୍ରିକେଟ ଉଦ୍‌ଘାଟିତ

**ଛତିଆ,୩୦।୧୦(ଡି.ଏନ.ଏ.)**

ବଡ଼ଚଣା ବ୍ଲକ ଅଧୀନସ୍ଥ ଛତିଆ ସୋଲରଠାରେ ରବିବାର ମହାବୀର କ୍ରିକେଟ କ୍ଲବ ପକ୍ଷରୁ ପଞ୍ଚମ ବାର୍ଷିକ ସୋଲର କପ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ସାମାଜିକ କର୍ମୀ ସଞ୍ଜୟ ବେହେରା କୁମାର ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସଞ୍ଜୟ ମହାପାତ୍ର ଯୋଗ ଦେଇଥିଲେ। ପ୍ରଥମ ମ୍ୟାଚ୍ କଟକ ସହିତ ଚୌଦାରର ମୁକାବିଲା ହୋଇଥିଲା। ଏହି ମ୍ୟାଚରେ ଚୌଦାରକୁ ହରାଇ କଟକ ବିଜୟ ଲାଭ କରିଥିଲା। ପ୍ରଥମେ ଚୌଦାର ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୧୫୭ ରନ କରି ଅଲଆଉଟ ହୋଇଥିଲା।

ଜବାବରେ କଟକ ଦଳ ୧୬ ଓଭରରେ ତିନି ଉଇକେଟ ହରାଇ ଆବଶ୍ୟକ ରନ କରି ବିଜୟୀ ହୋଇଥିଲା। ଖେଳକୁ ସତ୍ୟରଞ୍ଜନ ପ୍ରଧାନ ଓ ସତ୍ୟ ସୁନ୍ଦର ବିଶ୍ୱାଳ ପରିଚାଳନା କରିଥିଲେ। ପରବର୍ତ୍ତୀ ମ୍ୟାଚ ପିସିସି ଛତିଆ ସହିତ ନୂଆ ଶାସନ ବଡ଼ଚଣା ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ମିଳିଛି।

# ଅବସରପ୍ରାପ୍ତ ସେନା କର୍ମଚାରୀଙ୍କ ଗୃହ ନିର୍ମାଣର ଶିଳାନ୍ୟାସ

**ବରୀ,୩୦।୧୦(ଡି.ଏନ.ଏ.)**

୧୯୪୨ ଅଗଷ୍ଟ ୨୬ ତାରିଖ ଗହ୍ମା ପୁନେଇଁ ଦିନ ଜହ୍ନ ଉଠିବା ପୂର୍ବରୁ ରକ୍ତରେ ଭିଜିଥିଲା ବରୀ ମାଟି। ଦେଶ ମାତୃକା ସେବା ପାଇଁ ସାଉଣ୍ଟି, ସାନନ୍ଦ, ହାଡ଼ିବନ୍ଧୁ ଓ ମାୟାଧର ଇଂରେଜମାନଙ୍କ ବିରୋଧରେ ଲଢ଼େଇ କରି ପ୍ରାଣବଳୀ ଦେବା ପରେ ସେମାନଙ୍କ ନାମ ଆଜି ଭାରତ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ। ମୁଁ ଏ ମାଟିର ଦାୟାଦ। ଏହି ଅଞ୍ଚଳର ୨୨ ସୈନିକ ଶହୀଦ ହୋଇଥିବାରୁ ସେମାନଙ୍କୁ ଭକ୍ତିପୁତ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ସେମାନଙ୍କ ମା'ଆଙ୍କୁ ମୁଁ ନମନ କରୁଛି ବୋଲି ରବିବାର ବରୁହାଁ-କଳାମାଟିଆ ରାସ୍ତାର ଚତରଠାରେ ଅବସରପ୍ରାପ୍ତ ସେନା କର୍ମଚାରୀଙ୍କ ଏକ ଗୃହ ନିର୍ମାଣର ଶିଳାନ୍ୟାସ କାର୍ଯ୍ୟକ୍ରମରେ ବରୀ ବିଧାୟିକା ସୁନନ୍ଦା ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ମତବ୍ୟକ୍ତ କରିଛନ୍ତି।

କାର୍ଯ୍ୟକ୍ରମରେ ଅନୁଷ୍ଠାନ ଉପଦେଷ୍ଟା ମଦନମୋହନ ପତି ସ୍ୱାଗତ ଭାଷଣ ଦେଇଥିବା ବେଳେ ସମ୍ପାଦକ ଗଗନ ବିହାରୀ ଖୁଣ୍ଟିଆ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅବସରପ୍ରାପ୍ତ ସେନା କର୍ମଚାରୀ ଗୋଲଖ ଚନ୍ଦ୍ର ମହାନ୍ତି ଉକ୍ତ ଅନୁଷ୍ଠାନ ପାଇଁ ଜମି ପ୍ରଦାନ କରିବା ସହ ତାଙ୍କ ମୃତ୍ୟୁ ପରେ ଅଙ୍ଗଦାନ କରିବାକୁ ଘୋଷଣା କରିଥିବାରୁ ଘଟଣାସ୍ଥଳରେ ଏକ ଭାବବିହ୍ୱଳ ପରିବେଶ ସୃଷ୍ଟି ହୋଇଥିଲା। ଆଗାମୀ ଦିନରେ ବରୀ ଅଞ୍ଚଳର ଯୁବପିଢ଼ି ଦେଶ ମାତୃକାର ସେବା ପାଇଁ ସୈନ୍ୟ ବିଭାଗରେ ଯୋଗଦେଇ ଏଭଳି ଏକ ଇତିହାସ ସୃଷ୍ଟି କରିବା ଦିଗରେ ଉଦ୍ୟମ ଜାରି ରଖିଲେ ବରୀ ଭଳି ବୀର ମାଟିରେ ପୁଣି ଥରେ ଇତିହାସରେ ଲିପିବଦ୍ଧ ହୋଇ ପାରିବ ବୋଲି କାର୍ଯ୍ୟକ୍ରମରେ ଯୋଗଦେଇ ବରିଷ୍ଠ ଶିକ୍ଷାବିତ କୁଞ୍ଜ ବିହାରୀ ଦାଶ ତାଙ୍କ ବକ୍ତବ୍ୟରେ କହିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କଳାମାଟିଆ ସରପଞ୍ଚ ରଶ୍ମିତା ପରିଡ଼ା, ସସ୍ମିତା କୁଣ୍ଡୁ, ସମିତିସଭ୍ୟା ସୁଧାଂଶୁବାଳା ସାମଲ, ବରୀ ବ୍ଲକ୍ ସହକାରୀ ଯନ୍ତ୍ରୀ ସନ୍ଦୀପ ଦାସ, କନିଷ୍ଠ ଯନ୍ତ୍ରୀ ସରୋଜ ପଣ୍ଡା, ପ୍ରଦୀପ ଘଡ଼ାଇ, ଶ୍ୟାମସୁନ୍ଦର ରାଉତ, ଗୟାଧର ଦାସ, ଆର୍ତ୍ତବନ୍ଧୁ ବେହେରା, ଶରତ ଚନ୍ଦ୍ର ସାମଲ, ବିକାଶ ନାଥ, ରଞ୍ଜନ ସାମଲଙ୍କ ସମେତ ବରୀ ଅଞ୍ଚଳର ବହୁ ଅବସରପ୍ରାପ୍ତ ସେନା କର୍ମଚାରୀ ଯୋଗଦେଇଥିଲେ। ଅବସରପ୍ରାପ୍ତ ସେନା କର୍ମଚାରୀ ଗୋଲଖ ଚନ୍ଦ୍ର ମହାନ୍ତି ଧନ୍ୟବାଦ ଦେଇଥିଲେ।



ଗୃହ ନିର୍ମାଣ ପାଇଁ ଶିଳାନ୍ୟାସ କରାଯାଉଛି।

# କଂଗ୍ରେସର ଭାରତ ଯୋଡ଼ୋ ଯାତ୍ରା ପାଇଁ ପ୍ରସ୍ତୁତି

**ଧର୍ମଶାଳା,୩୦।୧୦(ଡି.ଏନ.ଏ.)**

ଧର୍ମଶାଳା ବ୍ଲକ ଜାରକା ନିକଟସ୍ଥ ଶାନ୍ତିବଜାର ସମ୍ରାଟ ମଣ୍ଡପଠାରେ ଯାଜପୁର ଜିଲା କଂଗ୍ରେସର କମିଟି ପକ୍ଷରୁ ଭାରତ ଯୋଡ଼ୋ ଯାତ୍ରାର ସଫଳ ରୁପାୟନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ମନୋଜ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଜିଲାର ୭ଟି ନିର୍ବାଚନମଣ୍ଡଳୀର ନେତୃମଣ୍ଡଳୀ, ବ୍ଲକ କଂଗ୍ରେସ ସଭାପତି ଓ ଛାମୁଆ କର୍ମୀମାନେ ଯୋଗ ଦେଇଥିଲେ। ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ଦେଶ ବ୍ୟାପୀ ଚାଲିଥିବା ଭାରତ ଯୋଡ଼ୋ କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଆରମ୍ଭ କରାଯାଇଥିବା ଏହି ପଦଯାତ୍ରା ଆସନ୍ତା ୪ ତାରିଖରେ ବଡ଼ଚଣା ନିର୍ବାଚନମଣ୍ଡଳୀର ଛତିଆରେ ପ୍ରବେଶ କରିବ। ଏହାକୁ ଜିଲାସ୍ତରୀୟ କଂଗ୍ରେସ ନେତୃମଣ୍ଡଳୀ ସେଠାରେ ସ୍ୱାଗତ କରି ପଦଯାତ୍ରାରେ ସାମିଲ ହେବେ। ଏହି ପଦଯାତ୍ରାରେ ରାଜ୍ୟସ୍ତରୀୟ କଂଗ୍ରେସ ନେତୃମଣ୍ଡଳୀ ସାମିଲ ହୋଇଥିବା ବେଳେ ଆସନ୍ତା ୫ ତାରିଖ ଏହିପଦଯାତ୍ରା ଧର୍ମଶାଳା ନିର୍ବାଚନମଣ୍ଡଳୀରେ ପହଞ୍ଚିବ। ଏଠାରେ



ବୈଠକରେ ଯୋଗ ଦେଇଥିବା କଂଗ୍ରେସ ନେତା ଓ କର୍ମୀ।

ରାତ୍ରୀଯାପନ ପରେ ୬ ତାରିଖରେ କୋରେଇ ନିର୍ବାଚନମଣ୍ଡଳୀ ଦେଇ ଏହି ପଦଯାତ୍ରା ଭଦ୍ରକ ଅଭିମୁଖେ ଯାତ୍ରା କରିବ।

ପ୍ରସ୍ତୁତି ବୈଠକରେ ଏଆଇସିସିର ପୂର୍ବତନ ସାଧାରଣ ସମ୍ପାଦକ ରାମଚନ୍ଦ୍ର ଖୁଣ୍ଟିଆ, ବରୀ ନିର୍ବାଚନମଣ୍ଡଳୀ ନେତା ଉମେଶ ଜେନା, କୋରେଇ ନିର୍ବାଚନମଣ୍ଡଳୀର ପ୍ରମୋଦ ପରିଡା, ଯାଜପୁର ନିର୍ବାଚନମଣ୍ଡଳୀରୁ ସନ୍ତୋଷ ନନ୍ଦ, ବିଞ୍ଝାପୁର ନିର୍ବାଚନମଣ୍ଡଳୀରୁ କନକଲତା ମଲିକ, ବଡ଼ଚଣା ନିର୍ବାଚନମଣ୍ଡଳୀରୁ ଅଜୟ ସାମଲ, ଜିଲା ଯୁବ କଂଗ୍ରେସ ସଭାପତି ସନ୍ତୋଷ ବେହେରା, ଜିଲା ଓବିସି ସେଲ ସଭାପତି ପ୍ରଶାନ୍ତ ସାହୁ, ପୂର୍ବତନ ପିସିସି ସାଧାରଣ ସମ୍ପାଦକ କିଶାନ ପଣ୍ଡା, ପୂର୍ବତନ ଜିଲା କଂଗ୍ରେସ ସଭାପତି ଶ୍ରୀନାଥ ମିଶ୍ର, ରାଜ୍ୟ ଯୁବ କଂଗ୍ରେସ ମୁଖପାତ୍ର ମାନସ କର, ଜିଲା କାର୍ଯ୍ୟକାରୀ ସଭାପତି ବିଷ୍ଣୁ ରାଉତ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ବିଭିନ୍ନ ପ୍ରସ୍ତାବ ରଖିଥିଲେ। ପଦଯାତ୍ରାରେ ଯୁବକ, ଛାତ୍ର ଓ ମହିଳାମାନେ ଅଧିକ ସଂଖ୍ୟାରେ ଯୋଗଦେବାକୁ ଆହ୍ୱାନ କରାଯାଇଥିଲା। ବୈଠକରେ ଧର୍ମଶାଳା ନିର୍ବାଚନମଣ୍ଡଳୀର ପ୍ରଫୁଲ୍ଲ ରାୟ, ବସନ୍ତ ପରିଡ଼ା, ନକୁଳ ଜେନା, ନରୋତ୍ତମ ନାୟକ, କାର୍ତ୍ତିକ ସାହୁ, ଦେବାଶିଷ ପରିଡ଼ା, ବିପ୍ର ତ୍ରିପାଠୀ, ଉଗ୍ରେଶନ ମହାନ୍ତି, ଶରତ ତରାଇ ଓ ୱାସିମ ଆଲମ ପ୍ରମୁଖ ଯୋଗଦେଇ ମତାମତ ପ୍ରଦାନ କରିଥିଲେ।

## ସଂକ୍ଷେପରେ

### ଡିଜିଟାଲ ମିଡିଆ ସଂଘର ନୂତନ କର୍ମକର୍ତ୍ତା

**ଦଶପଲ୍ଲା,୩୦।୧୦(ଡି.ଏନ.ଏ.):** ଦଶପଲ୍ଲା ଡିଜିଟାଲ ମିଡିଆ ସଂଘର ଏକ ବୈଠକ ସ୍ୱପ୍ନେଶ୍ୱର ମହାବୀର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା । ସେମାନେ ହେଲେ ଚିତ୍ତ ରଞ୍ଜନ ମିଶ୍ର ସଭାପତି, ରଞ୍ଜନ କୁମାର ଦାସ ଉପସଭାପତି, ପ୍ରିୟ ରଞ୍ଜନ ଆଚାର୍ଯ୍ୟ ସମ୍ପାଦକ, ଶାନ୍ତନୁ କୁମାର ନାୟକ ସହସମ୍ପାଦକ, ଜନ୍ମେଜୟ ଆଚାର୍ଯ୍ୟ କୋଷାଧକ୍ଷ ଭାବେ ମନୋନୀତ ହୋଇଛନ୍ତି । ଉପଦେଷ୍ଟା ଭାବେ ପ୍ରଫୁଲ୍ଲ କୁମାର ସାହୁ ଓ ଯୁଗଳ କିଶୋର ମୁଦୁଲି ମନୋନୀତ ହୋଇଥିଲେ , ଅନ୍ୟମାନଙ୍କ ମଧ୍ୟରେ ଶ୍ରୀଧର ସାହୁ, ସୁବାସ ବାରିକ, ସତ୍ୟ ନାରାୟଣ ସାହୁ, ପ୍ରମୋଦ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ଶାନ୍ତନୁ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

### ଜେଇ, ଏଇଙ୍କ ମନମୁଖି କାର୍ଯ୍ୟ: ଠିକାଦାର ହତାଶ

**ବଲସକୁମ୍ପା,୩୦।୧୦:** ଖଜୁରିପଡ଼ା ବ୍ଲକରେ କନିଷ୍ଠ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀଙ୍କ ମନମୁଖୀ କାର୍ଯ୍ୟ ଓ ଖାମଖିଆଲ ନୀତି ଯୋଗୁ ସାଧାରଣ ଠିକାଦାରମାନେ ଅତିଷ୍ଠ ହୋଇ ପଡ଼ିଥିବା ଆଲୋଚନାର ବିଷୟ ପାଲଟିଛି। ଏମିତିକି ଜଣେ ନିରୀହ ସାଧାରଣ ଠିକାଦାର ଛୋଟିଆ କାମଟିଏ ପାଇଲେ ତାକୁ ଶୀଘ୍ର ଶେଷ କରିଦେଇ ବିଲ ପାଇବା ପାଇଁ ନିଜକୁ ଆଶାବାନ୍ଧି ରହିଥିବା ବେଳେ ଶେଷରେ ହତାଶ ହେବାରୁ ପଡୁଛି। ଏଭଳି ଅଭିଯୋଗ ହୋଇଛି ବ୍ଲକର ସୁଡୁକୁମ୍ପା ପଞ୍ଚାୟତରେ। ଅଭିଯୋଗ ପ୍ରକାରେ, ସୁଡୁକୁମ୍ପା ସ୍ଥାନୀୟ ଅଞ୍ଚଳର କିଛି ସାଧାରଣ ଠିକାଦାର ଛୋଟ ମୋଟ କାମ ପାଇଥିଲେ। ଏହାକୁ ମଧ ଡିପାର୍ଟମେଣ୍ଟାଲ ନାମରେ ରେକର୍ଡ ଖୋଲାଯାଇ ସେହି ବ୍ୟକ୍ତିମାନଙ୍କୁ କାମ କରିବାକୁ ନିର୍ଦ୍ଦେଶ ଥିଲା। ସେମାନେ ବିଭିନ୍ନ ସ୍ଥାନରୁ ଧାର କରଜରେ ଟଙ୍କା ଆଣି ଦ୍ରୁତ ଗତିରେ କାମକରି ଦଶହରାର ପୂର୍ବରୁ କାମଟିକୁ ଶେଷ କରି ବିଲଟା ମିଳିଗଲେ କରଜ କରିଥିବା ଟଙ୍କାକୁ ସୁଝିବେ ବୋଲି ଆଶାବାନ୍ଧି ଥିଲେ। ହେଲେ ଠିକାଦାର ଦେଢ଼ମାସ ହେବ ବିଲ ନ ପାଇ ହାତବାନ୍ଧି ବସିଛି। ଏନେଇ ସ୍ଥାନୀୟ ସରପଞ୍ଚଙ୍କୁ ଅଭିଯୋଗ ଆସିଲା ପରେ ଗତ ଶୁକ୍ରବାର ସରପଞ୍ଚ ଜେଇ ସ୍ନେହଲତା ପାତ୍ରଙ୍କୁ ପଚାରବାରୁ କିଛି ସନ୍ତୋଷ ଜନକ ଉତ୍ତର ମିଳିନଥିଲା। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

### ଜାଲ୍ ସାର୍ଟିଫିକେଟ୍ ପ୍ରସ୍ତୁତକର୍ତ୍ତା ଗିରଫ

**ବୁଗୁଡ଼ା,୩୦।୧୦(ଡି.ଏନ.ଏ.):** ନକଲି ସାର୍ଟିଫିକେଟ୍ ପ୍ରସ୍ତୁତ କରି ମାଲାମାଲ ହୋଇଥିବା ଜଣେ ଯୁବକଙ୍କୁ ପୋଲିସ ଶନିବାର କୋର୍ଟଚାଲାଣ କରିଛି। ସେ ହେଲେ ସ୍ଥାନୀୟ ମେଡିକାଲ ଛକ ନିକଟସ୍ଥ ନ୍ୟୁଭବାନୀ ଷ୍ଟୁଡିଓର ମାଲିକ ଦିଲୀପ କୁମାର ପ୍ରଧାନ। ପୋଲିସ ତାଙ୍କଠାରୁ କମ୍ପ୍ୟୁଟର, ହାର୍ଡ ଡିସ୍କ ଓ ପ୍ରିଣ୍ଟର ସହ ଏକ ଜାଲ୍ ସାର୍ଟିଫିକେଟ ଜବତ କରିବା ସହ ନଂ. ୬୩୪/୨୨ରେ ମାମଲା ରୁଜୁ କରିଛି। ଅନେକ ବର୍ଷ ହେଲା ବୁଗୁଡ଼ା ମୁଖ୍ୟ ସଡ଼କ କଡ଼ରେ ଦିଲୀପ ଫଟୋ ଷ୍ଟୁଡିଓ ଖୋଲି ଜାଲ୍ ସାର୍ଟିଫିକେଟ୍ ପ୍ରସ୍ତୁତ କରିବା କାମ ଗୋପନରେ କରିଆସୁଥିଲେ। ଖବର ପାଇ ଶୁକ୍ରବାର ପୋଲିସ ଏସ୍ଆଇ ସମୀର କୁମାର ସେଠୀଙ୍କ ନେତୃତ୍ୱରେ ଏକ ଟିମ୍ ସେଠାରେ ଅଚାନକ ଚଢ଼ାଉ କରି କୌଶଳର ସହିତ ଜାଲ୍ ସାର୍ଟିଫିକେଟ୍ ସାଙ୍ଗକୁ କମ୍ପ୍ୟୁଟର, ହାର୍ଡ ଡିସ୍କ ଓ ପ୍ରିଣ୍ଟର ଜବତ କରି ଦିଲୀପଙ୍କୁ ଗିରଫ କରିଥିଲା।

### ଏଟିଏମ୍ ଭାଙ୍ଗି ଲୁଟ୍ ଉଦ୍ୟମ ବିଫଳ, ଜଣେ ଗିରଫ

**ଖଲ୍ଲିକୋଟ,୩୦।୧୦(ଡି.ଏନ.ଏ.):** ଖଲ୍ଲିକୋଟ ଥାନା ଅନ୍ତର୍ଗତ କେଶପୁର ବଜାରରେ ଥିବା ଏସ୍‌ବିଆଇ ବ୍ୟାଙ୍କର ଏଟିଏମ୍ ଭାଙ୍ଗି ଲୁଟ୍ ଉଦ୍ୟମ କରିବା ଅଭିଯୋଗରେ ଖଲ୍ଲିକୋଟ ପୋଲିସ ଜଣଙ୍କୁ ଗିରଫ କରିଛି। ସେ ହେଲେ ଗଞ୍ଜାମ ଥାନା ଅନ୍ତର୍ଗତ ଅଗସ୍ତିନୁଆଁଗାଁର ବୁଡୁ ନାହାକ। ଶନିବାର ରାତି ପ୍ରାୟ ୨ଟାରେ ଜଣେ ଯୁବକ କେଶପୁର ବଜାରରେ ଥିବା ଏକ ଏସ୍‌ବିଆଇ ବ୍ୟାଙ୍କର ଏଟିଏମ୍‌ରୁ ଟଙ୍କା ଲୁଟ କରିବାରେ ବିଫଳ ହେବା ପରେ ଏକ ବଡ଼ ପଥରରେ ଏଟିଏମ୍‌ଟିକୁ ଭାଙ୍ଗି ଚୂରମାର କରିଦେଇଥିବା ବେଳେ ବାହାର ପଟେ ଲାଗିଥିବା ସିସିଟିଭି କ୍ୟାମେରାଟିକୁ ମଧ ଭାଙ୍ଗି ଦେଇ ଯୁବକ ଜଣଙ୍କ ଫେରାର ହୋଇଯାଇଥିଲେ। ରବିବାର ଖଲ୍ଲିକୋଟ ପୋଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ କରିବା ସହ କେଶପୁର ନିକଟରୁ ଉକ୍ତ ଯୁବକଙ୍କୁ ଗିରଫ କରିଥିଲା।

# ଲକ୍ଷାଧିକ ଟଙ୍କାର ଗୁଟ୍‌ଖା ବୋଝେଇ ଟ୍ରକ୍ ଜବତ

## ଜିଏସ୍‌ଟି ଠକେଇ, ୯ ଲକ୍ଷ ଜରିମାନା

**ଗଞ୍ଜାମ,୩୦।୧୦(ଡି.ଏନ.ଏ.)**

ଗଞ୍ଜାମ ଜିଲା ରମ୍ଭା ଥାନା ଅନ୍ତର୍ଗତ ୧୬ନମ୍ବର ଜାତୀୟ ରାଜପଥ ନିକଟ ସାଇ ଢାବା ନିକଟରେ ଏକ ଟ୍ରକ୍‌ରୁ ରବିବାର ପୋଲିସ ପ୍ରାୟ ୧୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ପରିମାଣର ଗୁଟ୍‌ଖା ଜବତ କରିଛି। ଏହି ଗୁଟ୍‌ଖା ବୋଝେଇ ଟ୍ରକ (ନଂ ଏଚଆର୫୫-ଏକେ-୯୭୮୭)ଟି ଦିଲ୍ଲୀରୁ ବ୍ରହ୍ମପୁର ଅଭିମୁଖେ ଆସୁଥିବା ବେଳେ ବ୍ରହ୍ମପୁରଠାରେ ପୋଲିସ କଡ଼ାକଡ଼ି ଚେକିଂ ଚାଲିଥିବା ଖବର ପାଇ ଟ୍ରକ ଡ୍ରାଇଭର ଗୁଟ୍‌ଖା ବୋଝେଇ ଟ୍ରକ୍‌ଟିକୁ ପଛକୁ ଫେରାଇ ଆଣି ରମ୍ଭା ସ୍ଥିତ ସାଇ ଢାବା ନିକଟସ୍ଥ ରାସ୍ତା କଡ଼ରେ ରଖିଥିଲେ। ଖବର ପାଇ ରମ୍ଭା ଥାନା ଅଧିକାରୀ ପି.ସ୍ୱରୂପ କିଷାନଙ୍କ ତତ୍ତ୍ୱାବଧାନରେ ଏକ ଟିମ ଚଢ଼ାଉ କରି ଟ୍ରକଟିକୁ ଜବତ କରି ଡ୍ରାଇଭରଙ୍କୁ ପୋଲିସ ଅଟକ ରଖିଛି । ହେଲେ ବ୍ରହ୍ମପୁରର କେଉଁ ଅଞ୍ଚଳକୁ ଏତେ ପରିମାଣର ଗୁଟ୍‌ଖା ଯାଉଥିଲା, କିଏ ଏହାର ମାଲିକ ସବୁ ଦିଗକୁ ରମ୍ଭା ପୋଲିସ ଛାନଭିନ ଜାରି ରଖିଛି। ଅନ୍ୟପଟେ ଜିଏସ୍‌ଟି ଠିକ ନ ଥିବା ଯୋଗୁ ଉକ୍ତ ଗାଡିକୁ ୯ ଲକ୍ଷ ଟଙ୍କା ଜରିମାନା ହୋଇଥିଲା। ଏଥିସହ ଗାଡ଼ି ବର୍ତ୍ତମାନ ଥାନାରେ ଥିବା ବେଳେ ବିଭିନ୍ନ କାଗଜପତ୍ର ଡକ୍ୟୁମେଣ୍ଟ ଆଦି ଜିଏସ୍‌ଟି ବିଭାଗକୁ ହସ୍ତାନ୍ତର କରାଯାଇଥିବା ରମ୍ଭା ଆଇଆଇସି ପି ସ୍ୱରୂପ କିସାନ ସୂଚନା ଦେଇଛନ୍ତି।



ଜବତ ଗୁଟ୍‌ଖା ବୋଝେଇ ଟ୍ରକ୍।

# ଓଡ଼ଗାଁ ଗୋଷ୍ଠୀ ପ୍ରାଣୀ ଚିକିତ୍ସାଳୟ ପାଇଁ ୭୭ ଲକ୍ଷ ଟଙ୍କା ମଞ୍ଜୁର

**ଓଡ଼ଗାଁ,୩୦।୧୦(ସ୍ୱ.ପ୍ର.)**

୧୯୬୨ରେ ପ୍ରତିଷ୍ଠା ହୋଇଥିବା ଓଡ଼ଗାଁ ଗୋଷ୍ଠୀ ପ୍ରାଣୀ ଚିକିତ୍ସାଳୟର ନୂତନ ଗୃହ ନିର୍ମାଣ ପାଇଁ ୭୭ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି । ଏହି ଚିକିତ୍ସାଳୟ ଉପରେ ଓଡ଼ଗାଁ ବ୍ଲକର ୩୬ ପଞ୍ଚାୟତର ଗୋପାଳକ,ଛେଳିମେଣ୍ଢା ପାଳକ, କୁକୁଡ଼ା ଫାର୍ମ ଓ ଅନ୍ୟାନ୍ୟ ପ୍ରାଣୀ ପାଳକମାନେ ନିର୍ଭର କରନ୍ତି । ପ୍ରାୟ ୩୦ ହଜାରରୁ ଊର୍ଦ୍ଧ୍ୱ ବୃହତ୍ ପ୍ରାଣୀ ଓ ୨୦ ହଜାରରୁ ଊର୍ଦ୍ଧ୍ୱ କ୍ଷୁଦ୍ରପ୍ରାଣୀ ଚିକିତ୍ସା ନିମନ୍ତେ ଏହି ଚିକିତ୍ସାଳୟ ସେବାଯୋଗାଇ ଆସୁଛି । ହେଲେ କାର୍ଯ୍ୟାଳୟର ଅବସ୍ଥା ଜରାଜୀର୍ଣ୍ଣ ଥିବାରୁ ଅଫିସକାର୍ଯ୍ୟରେ ବାଧା ଉପୁଜିଥିଲା । ଅସରାଏ ବର୍ଷା ହେଲେ ପାଣି ଜମି ରହୁଛି । ଫଳରେ ବିଭିନ୍ନ ସରୀସୃପ ଉକ୍ତ କାର୍ଯ୍ୟାଳୟ ଭିତରକୁ ପଶି ଆସୁଛନ୍ତି । ଏଥିପାଇଁ କର୍ମଚାରୀ ଓ ଗୋଚାଷୀମାନେ କାର୍ଯ୍ୟାଳୟକୁ ଆସିବାକୁ ସୁରକ୍ଷିତ ମଣୁ ନାହାନ୍ତି । ନୟାଗଡ଼ ବିଧାୟକ ଡ.ଅରୁଣ କୁମାର ସାହୁ ଏହାର ସ୍ଥିତି ଦେଖିବାପରେ ତୁରନ୍ତ ନୂତନ ଗୃହ ନିର୍ମାଣ ପାଇଁ ତାଙ୍କ ବିଧାୟକ ପାଣ୍ଠିରୁ ୭୭ ଲକ୍ଷ ୭ହଜାର ୯୧୬ ଟଙ୍କା ମଞ୍ଜୁରୀ କରିଥିବା ସୂଚନା ମିଳିଛି । ଏହି ନୂତନ ଗୃହ ୩ ହଜାର ବର୍ଗଫୁଟ ବିଶିଷ୍ଟ ହେବ । ପୁରୁଣା କାର୍ଯ୍ୟାଳୟକୁ ନ ଭାଙ୍ଗି ତାର ପାର୍ଶ୍ୱକୁ ଲାଗିରହିଥିବା ଜାଗାରେ ନୂତନ ଗୃହ ନିର୍ମାଣ କରାଯିବ ।

# ଅମିନ ସଂଘର ଜିଲାସ୍ତରୀୟ ବୈଠକ


ବୈଠକରେ ଯୋଗ ଦେଇଥିବା ଅମିନ ସଂଘର କର୍ମକର୍ତ୍ତା।

**ନୟାଗଡ଼ ଅଫିସ,୩୦।୧୦**

ନୟାଗଡ଼ ଜଗନ୍ନାଥ ମନ୍ଦିରରେ ନୟାଗଡ଼ ଜିଲା ଅମିନ ସଂଘ ପକ୍ଷରୁ ଏକ ସାଧାରଣ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ସରୋଜ କୁମାର ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ରାଜ୍ୟ ସଭାପତି ମନୋଜ କୁମାର ଦାସ ଯୋଗ ଦେଇ ସରକାରଙ୍କ ଉପରେ ଚାପ ପ୍ରୟୋଗ କରି ଦାବି ହାସଲ କରିବାକୁ ନିଷ୍ପତ୍ତି ନିଆଯାଇଛି । ସଂଘ ପକ୍ଷରୁ ୭ ଦଫା ଦାବି ପୂରଣ ନେଇ ବାରମ୍ବାର ଦାବି ହୋଇ ଆସୁଥିଲେ ମଧ ସରକାର ପ୍ରତିଶ୍ରୁତି ଦେଇ ପ୍ରତାରଣା କରି ଚାଲିଥିବାରୁ ଅସନ୍ତୋଷ ବଢ଼ି ଚାଲିଛି, ଯାହାକି ପରବର୍ତ୍ତୀ ପର୍ଯ୍ୟାୟରେ ଆନ୍ଦୋଳନ ରୂପ ନେଇପାରେ ବୋଲି ଦାବି ଉଠିବାରେ ଲାଗିଛି। ଅମିନ ସଂଘର ଦାବି ଅନୁସାରେ ଷଷ୍ଠ ବେତନ କମିଶନରେ ହୋଇଥିବା ଅସଙ୍ଗତି ଦୂର କରାଯାଉ । ୧୮୦୦ରେ ଥିବା ଗ୍ରେଡ ପେକୁ ୨୮୦୦ଟଙ୍କାକୁ ବୃଦ୍ଧି କରାଯାଉ । ସେହିପରି ଅମିନଙ୍କ ନାମ ପରିବର୍ତ୍ତନ କରାଯାଇ ଭୂ ନିରୀକ୍ଷକ କରାଯାଉ । ପୁଣି ଅମିନଙ୍କ ପାଇଁ ଜବ୍ ଚାର୍ଟ ଓ ଜବ୍ ଚାର୍ଟ ମୁତାବକ କାର୍ଯ୍ୟ ପ୍ରଦାନ କରାଯାଉ । ଶିକ୍ଷାଗତ ଯୋଗ୍ୟତା ଯୁକ୍ତ ୨ରୁ ଯୁକ୍ତ ୩କୁ ବୃଦ୍ଧି କରାଯାଉ । ଚାକିରିରେ ୧୦ ବର୍ଷ ପୂରଣ କରିଥିବା କର୍ମଚାରମାନଙ୍କୁ ପେ ଫିକ୍ସେନ ରୁଲ ଅନୁସାରେ ବର୍ଦ୍ଧିତ ହାରରେ ଦରମା ପ୍ରଦାନ କରାଯାଉ । ନକ୍ସା ସଂଶୋଧନ ପାଇଁ ଅମିନମାନଙ୍କୁ ସ୍ୱତନ୍ତ୍ର ଲଗ୍ ଇନ୍ ଆଇଡି ପ୍ରଦାନ କରାଯାଉ । ଜମିବାଡି ରେଜିଷ୍ଟ୍ରେଶନ ଦଲିଲ କରିବା ପୂର୍ବରୁ ଆରଆଇ କିମ୍ବା ଅମିନଙ୍କ ଦ୍ୱାରା ସରଜମିନ ତଦନ୍ତ କରି ନକ୍ସା ପ୍ରଦାନ କରାଯାଉ ବୋଲି ଦାବି ରହିଛି । ଏନେଇ ଅମିନଙ୍କ ପକ୍ଷରୁ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି ।

## ୫ ଜୋନରେ ସମବାୟ ନିର୍ବାଚନ

# ବାଣ ଫୁଟାକୁ ନେଇ ଶିଖରପୁରରେ ଉତ୍ତେଜନା

**ନୟାଗଡ ଅଫିସ/ଦଶପଲ୍ଲା, ୩୦।୧୦(ଡି.ଏନ.ଏ.)**

ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କର ପରିଚାଳନା ପରିଷଦ ଗଠନ ପାଇଁ ରବିବାର ନିର୍ବାଚନ ଅନୁଷ୍ଠିତ ହୋଇ ଯାଇଛି । ୧୫ ଜୋନରୁ ୧୦ ଜଣ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଥିଲେ । ତେବେ ୩, ୪, ୬, ୧୦ ଓ ୧୧ ନଂ. ଜୋନ ପରି ୫ଟି ଜୋନରେ ନିର୍ବାଚନ ହୋଇଥିଲା।୩ନଂ. ଜୋନରେ ସନ୍ନ୍ୟାସୀ ପ୍ରଧାନ, ଜୋନ୍-୪ରେ ଦୁର୍ଯ୍ୟୋଧନ ବେହେରା, ୬ନଂ. ଜୋନରେ ଉପେନ୍ଦ୍ର କୁମାର ସାହୁ ନିର୍ବାଚିତ ହୋଇଛନ୍ତି । ସେହିପରି ୧୦ ନଂ. ଜୋନରେ ମହେଶ୍ୱର ବେହେରା ଓ ୧୧ ନଂ. ଜୋନରେ ସୂର୍ଯ୍ୟମଣି ସ୍ୱାଇଁ ନିର୍ବାଚିତ ହୋଇଥିବା ଘୋଷଣା କରାଯାଇଛି । ଶରଣକୁଳ ଥାନାର ଶିଖରପୁରରେ ବିଜୟ ଉତ୍ସବ ପାଳନ ସମୟରେ ବାଣ ଫୁଟାଇବାକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ସମବାୟ ନିର୍ବାଚନରେ ପରାସ୍ତ ପ୍ରାର୍ଥୀଙ୍କ ଘର ସମ୍ମୁଖରେ ବାଣ ଫୁଟାଯାଇଥିବା ଅଭିଯୋଗ ହୋଇଛି । ଘଟଣାସ୍ଥଳରେ ପୋଲିସ ପହଞ୍ଚି ଉଭୟ ଗୋଷ୍ଠୀଙ୍କୁ ବୁଝାସୁଝା କରି ପ୍ରାଥମିକ ଭାବେ ବିବାଦର ସମାଧାନ କରିଛି । ତେବେ ବିବାଦ ପୁଣି କୁହୁଳିବାରେ ଲାଗିଛି ।

# ମର୍ଦ୍ଦାବାଡ଼ି ଗ୍ରାମରେ ଭାଗବତ ମହାସଭା


ଭାଗବତ ମହାସଭାରେ ଉପସ୍ଥିତ ଗ୍ରାମବାସୀ।

**ଭାପୁର,୩୦।୧୦(ଡି.ଏନ.ଏ.)**

ନୟାଗଡ଼ ଜିଲା ଭାପୁର ବ୍ଲକ ଅନ୍ତର୍ଗତ ମର୍ଦ୍ଦାବାଡି ଗ୍ରାମର ଶ୍ରୀରାଧାଗୋବିନ୍ଦ ଦେବଙ୍କ ପୀଠରେ ଭାଗବତ ମହାସଭା ଅନୁଷ୍ଠିତ ହୋଇଥିଲା । ଏହାକୁ ଗ୍ରାମର ମହିଳାମାନେ ଆୟୋଜନ କରିଥିଲେ । ଶନିବାରରୁ ରବିବାର ସନ୍ଧ୍ୟା ପର୍ଯ୍ୟନ୍ତ ଆୟୋଜିତ ଉକ୍ତ ମହାସଭାରେ ବ୍ୟାସଦେବଙ୍କ ରଚିତ ଶ୍ରୀମଦ୍‌ଭାଗବତ ମହାପୁରାଣର ଦଶମ ସ୍କନ୍ଧର ଅଷ୍ଟମ ଅଧ୍ୟାୟ (ଭଗବାନ୍ ଶ୍ରୀକୃଷ୍ଣ ଓ ବଳରାମଙ୍କ ନାମକରଣ ସଂସ୍କାର ତଥା ବାଲ୍ୟଲୀଳା) ଆଲୋଚନା ହୋଇଥିଲା । ଉକ୍ତ ସଭାରେ ସନାତନ ପଣ୍ଡା ସଭାପତିତ୍ୱ କରିଥିଲେ । ଆଲୋଚନାରେ ପଣ୍ଡିତ ଡ. ଅଖିଳେଶ ପ୍ରସାଦ ପଣ୍ଡା, ପଣ୍ଡିତ ରଞ୍ଜନ ଦାଶ, ପଣ୍ଡିତ କୈଳାସ ନାଥ ପଣ୍ଡା, ପଣ୍ଡିତ ତପନ କୁମାର ପଣ୍ଡା, ପଣ୍ଡିତ ଶରତ ଚନ୍ଦ୍ର ପଣ୍ଡା, ପଣ୍ଡିତ କୁମାର ପୃଷ୍ଟି ଓ କୃଷ୍ଣଚନ୍ଦ୍ର ପଣ୍ଡା , ପଣ୍ଡିତ ଶ୍ରୀକାନ୍ତ କୁମାର ଦାସ , ପଣ୍ଡିତ ଗୌରହରି ପଣ୍ଡା ଅଂଶ ଗ୍ରହଣ କରିଥିଲେ । ଉକ୍ତ ସଭାରେ ଶାଳପଡା ପଞ୍ଚାୟତର ସମିତି ସଭ୍ୟା ଦମୟନ୍ତୀ ଖଟେଇ ଏବଂ ସମାଜସେବୀ ଅକ୍ରୁର ସ୍ୱାଇଁଙ୍କ ଏକ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ।

# ଓଷ୍ଟାର ସାମ୍ବିଧାନିକ ସମ୍ମିଳନୀ

**ନୟାଗଡ଼ ଅଫିସ,୩୦।୧୦**

ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ନୟାଗଡ଼ ବ୍ଲକର ସାମ୍ବିଧାନିକ ସମ୍ମିଳନୀ ମାନ୍ଧାତାପୁର ଆଙ୍କୁଲାଇ ନୋଡାଲ ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି । ସଭାପତି ନିମାଇଁ ଚରଣ ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ଅଭିମନ୍ୟୁ ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ । ମୁଖ୍ୟଅତିଥି ଭାବେ ରଞ୍ଜନ କୁମାର ଦାଶ, ସମ୍ମାନୀତ ଅତିଥି ଭାବେ ଗିରିଜା ଶଙ୍କର ମହାପାତ୍ର ଓ ପର୍ଯ୍ୟବେକ୍ଷକ ଭାବେ ଜିଲା ସଭାପତି ଅଯୋଧ୍ୟା ନାଥ ନାୟକ ଯୋଗ ଦେଇଥିଲେ । ସମସ୍ତ ସଭ୍ୟମାନଙ୍କ ପ୍ରଶ୍ନର ଉତ୍ତର ଓ ସମସ୍ୟା ଜିଲା ସମ୍ପାଦକ ମାଣିକେଶ୍ୱର ରଖିଥିଲେ । ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ପରେ ଆଗାମୀ ୩ ବର୍ଷ ପାଇଁ କର୍ମକର୍ତ୍ତା ଚୟନ କରାଯାଇଥିଲା । ସଭାପତି ଭାବେ ନିମାଇଁ ଚରଣ ପ୍ରଧାନ, ଉପସଭାପତି ଭାବେ ରାଜେଶ ପଣ୍ଡା ଓ ସସ୍ମିତା ପଟ୍ଟନାୟକ, ସମ୍ପାଦକ ଅଭିମନ୍ୟୁ ମହାନ୍ତି, ଯୁଗ୍ମ ସମ୍ପାଦକ ପ୍ରଫୁଲ୍ଲ କୁମାର ରାଉତ, ଶିଶିର କୁମାର ନାୟକ ଏବଂ ପ୍ରିୟଦର୍ଶିନୀ ସେଠୀ, ଜିଲା କମିଟି ସଦସ୍ୟ ପ୍ରଶାନ୍ତ କୁମାର ପଟ୍ଟନାୟକ, ରାମଚନ୍ଦ୍ର ନାୟକ ଏବଂ ମାନସ କୁମାର ଜେନା, ରାଜ୍ୟ ପରିଷଦ ସଦସ୍ୟ ଅନ୍ତର୍ଯ୍ୟାମୀ ପତି, ମନମୋହନ ଚମ୍ପତି ପ୍ରମୁଖ ଚୟନ ହୋଇଥିଲେ । ନୂତନ କର୍ମକର୍ତ୍ତା ଶପଥ ଗ୍ରହଣ କରିଥିଲେ ।



ଓଷ୍ଟା ସାମ୍ବିଧାନିକ ସମ୍ମିଳନୀରେ ମଞ୍ଚାସୀନ ଅତିଥି।

# ସମବାୟ ସମିତି ୧୧ନଂ. ଜୋନରୁ ସ୍ୱାଧୀନ ପ୍ରାର୍ଥୀ ସୂର୍ଯ୍ୟମଣି ବିଜୟୀ

**ଖଣ୍ଡପଡ଼ା,୩୦।୧୦(ସ୍ୱ.ପ୍ର)**

ନୟାଗଡ଼ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ଅଧିନ ୧୧ନଂ ଜୋନର ପରିଚାଳନା ସଦସ୍ୟ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରୁଥିବା ସ୍ୱାଧୀନ ପ୍ରାର୍ଥୀ ସୂର୍ଯ୍ୟମଣି ସ୍ୱାଇଁ ନିର୍ବାଚିତ ହୋଇଛନ୍ତି । ୧୧ନଂ. ଜୋନରୁ ଏକମାତ୍ର ସ୍ୱାଧୀନ ପ୍ରାର୍ଥୀଭାବେ ସ୍ୱାଇଁ ୨ ପ୍ରତିଦ୍ୱନ୍ଦି ପ୍ରାର୍ଥୀଙ୍କୁ ପଛରେ ପକାଇଛନ୍ତି । ୧୩ ଜୋନର ନିର୍ଦ୍ଦେଶକ ପଦବୀ ମଧ୍ୟରୁ ୧୨ ଶାସକ ବିଜେଡି ଓ ଗୋଟିଏ ଜୋନର ନିର୍ଦ୍ଦେଶକପଦବୀ ଭାଜପା ହାତରେ ରହିଛି।

# ହେତୁବାଦୀ ସଙ୍ଗଠନ ବିରୋଧରେ ଥାନାରେ ଫେରାଦ୍

## ହିନ୍ଦୁ ଧର୍ମ ଓ ବ୍ରାହ୍ମଣଙ୍କ ବିରୋଧରେ ଅଶାଳୀନ ମନ୍ତବ୍ୟର ପ୍ରତିବାଦ

**ନୟାଗଡ଼ ଅଫିସ,୩୦।୧୦:** ହିନ୍ଦୁ ଧର୍ମ ଓ ବ୍ରାହ୍ମଣଙ୍କ ବିରୋଧରେ ଆଶାଳୀନ ମନ୍ତବ୍ୟ ଦେଇଥିବା ହେତୁବାଦୀ ସଙ୍ଗଠନ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ରବିବାର ନୟାଗଡ ଟାଉନ ଥାନାରେ ନୟାଗଡ଼ ସୌର ବ୍ରାହ୍ମଣ ସମାଜ ପକ୍ଷରୁ ଅଭିଯୋଗ ହୋଇଛି । ଚନ୍ଦ୍ରଗହଣ ପୂର୍ବରୁ ଆଇନଗତ ପଦକ୍ଷେପ ନେବାକୁ ଅନୁରୋଧ କରାଯାଇଛି । ଅଭିଯୋଗ ଅନୁସାରେ ଗତ ୨୫ ତାରିଖରେ ସୂର୍ଯ୍ୟପରାଗ ହୋଇଥିଲା । ହିନ୍ଦୁ ଶାସ୍ତ୍ର ଓ ଜ୍ୟୋର୍ତିବିଦ୍ ପଣ୍ଡିତମାନଙ୍କ ଦ୍ୱାରା ସ୍ଥିରିକୃତ ହୋଇଥିବା ନୀତି ନିର୍ଘଣ୍ଟ, ଦେବନୀତି, ପାକନୀତି ବିରୋଧରେ ହେତୁବାଦୀ ସଙ୍ଗଠନର କାର୍ଯ୍ୟକର୍ତ୍ତା ପ୍ରତାପ ରଥ ଓ ଦେବେନ୍ଦ୍ର ସୁତାର ପ୍ରମୁଖ ଆଶଳୀନ ମନ୍ତବ୍ୟ ଦେଇଥିଲେ। ଏପରିକି ସୂର୍ଯ୍ୟପରାଗରେ ଆମିଷ, ଚିକେନ ବିରିୟାନି ଖାଇ ଗଣମାଧ୍ୟମରେ ହିନ୍ଦୁ ଶାସ୍ତ୍ର ବିରୋଧରେ ଅପପ୍ରଚାର କରିଥିଲେ । ପୁଣି ଆଗାମୀ ଚନ୍ଦ୍ରଗ୍ରହଣରେ ଏହାର ପୁନରାବୃତ୍ତି କରିବେ ବୋଲି ଚେତାବନୀ ଦେଇଛନ୍ତି। ହେତୁବାଦୀ ସଙ୍ଗଠନ ପକ୍ଷରୁ ଯାହା କରାଯାଇଛି ଓ ପୁଣି ଦିଆଯାଇଥିବା ଚେତାବନୀ ହିନ୍ଦୁ ସମାଜ,ଜ୍ୟୋତିଷ ଶାସ୍ତ୍ର, ବ୍ରାହ୍ମଣ ଜାତି ପାଇଁ ଅଶୋଭନୀୟ ବୋଲି କୁହାଯାଇଛି ।



ହେତୁବାଦୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରି ବିକ୍ଷୋଭ ପ୍ରଦର୍ଶନ।

# ବାଲୁଙ୍କେଶ୍ୱର ମନ୍ଦିରର ରତ୍ନମୁଦ ଉତ୍ସବ

**ଭାପୁର,୩୦।୧୦(ଡି.ଏନ.ଏ.):** ଭାପୁର ବ୍ଲକ ଧାନଚେଙ୍ଗଡା ପଞ୍ଚାୟତର ଧାନଚେଙ୍ଗଡା ଗ୍ରାମରେ ବାବା ବାଲୁଙ୍କେଶ୍ୱର ଦେବ ମନ୍ଦିରର ରତ୍ନମୁଦ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଗ୍ରାମର ପୁରୁଷ ଓ ମହିଳାମାନେ ଶୋଭାଯାତ୍ରାରେ ଯାଇ କୁଆରୀ-କୁସୁମୀ ନଦୀର ଦୋମୁହା ଘାଟରୁ ୩୦୮ କଳସ ପବିତ୍ର ପାଣି ଆଣି ମନ୍ଦିର ପରିସରରେ ସ୍ଥାପନ କରିଥିଲେ । ଧାନଚେଙ୍ଗଡା ଗ୍ରାମର ବିଜୟ କୁମାର ସ୍ୱାଇଁ ଓ ତାଙ୍କ ସ୍ତ୍ରୀ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ପଣ୍ଡିତ ପ୍ରଦୀପ୍ତ କୁମାର କର ହୋମଯଜ୍ଞ ଓ ପୂଜାର୍ଚ୍ଚନା କରିଥିଲେ ।ଏହି ରତ୍ନମୁଦ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଭାପୁର ପଞ୍ଚାୟତ ସମିତି ଉପାଧକ୍ଷ ବେଣୁଧର ପ୍ରଧାନ ,ବିଜୁଜନତା ଦଳର ଛାତ୍ର ନେତା କିଷ୍ଟା ମହାନ୍ତି , ପୂର୍ବତନ ଗ୍ରାମ୍ୟ କମିଟିର ସଭାପତି ପ୍ରମୋଦ କୁମାର ମହାନ୍ତି ଓ ଗ୍ରାମର ୱାର୍ଡସଭ୍ୟ, ଗ୍ରାମବାସୀ ଓ ଶ୍ରଦ୍ଧାଳୁ ମାନେ ଉପସ୍ଥିତ ଥିଲେ ।


ରତ୍ନମୁଦ ଉତ୍ସବରେ ଯୋଗ ଦେଇଥିବା ଅତିଥି।

# ସାପ୍ତାହିକ ହାଟରୁ ଜବରଦଖଲ ଉଚ୍ଛେଦ ଦାବି

**ଫୁଲବାଣୀ ଅଫିସ, ୩୦।୧୦**

ଫୁଲବାଣୀ ସହରର ସାପ୍ତାହିକ ହାଟର ବହୁ ଜମି ଏବେ ଜବରଦଖଲରେ ରହିଛି । ଉଚ୍ଛେଦ ପାଇଁ ବାରମ୍ବାର ଦାବି ହୋଇଆସୁଥିଲେ ହେଁ ପ୍ରଶାସନ ଶୁଣୁ ନାହିଁ। ସହରର ମୁଷ୍ଟିମେୟ କିଛି ଲୋକ ଏସବୁ ସ୍ଥାନ ଜବର ଦଖଲ କରି ବଡ ବଡ ବିଲ୍ଡିଂ କରିଛନ୍ତି । ଏବେ ହାଟରେ ବ୍ୟବସାୟୀଙ୍କୁ ସ୍ଥାୟୀ ଘର ଦେବାକୁ ପୌର ପ୍ରଶାସନ କାର୍ଯ୍ୟ କରୁଛି । ହାଟ ପ୍ରକୃତରେ ଗ୍ରାମର ଚାଷୀଙ୍କ ପାଇଁ ହୋଇଥିଲା । ଏହା ବ୍ୟବସାୟୀଙ୍କ ଲାଗି ନୁହେଁ । ପ୍ରଶାସନ ତୁରନ୍ତ ଜବରଦଖଲ ଉଚ୍ଛେଦ କରିବା ଲାଗି ଫୁଲବାଣୀ ବ୍ଲକର ସମସ୍ତ ସରପଞ୍ଚ ଅଣ୍ଟା ଭିଡିଛନ୍ତି । ସେମାନେ ଶନିବାର ଏ ନେଇ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ହାଟ ଉପରେ ଆଖପାଖର ପ୍ରାୟ ୧୫ ପଞ୍ଚାୟତର ଚାଷୀ ସେମାନଙ୍କ ଉତ୍ପାଦିତ ସାମଗ୍ରୀର ବିକ୍ରି ପାଇଁ ନିର୍ଭର କରି ଆସୁଛନ୍ତି। ପ୍ରଶାସନର ଖାମଖିଆଲି ମନୋଭାବ ଯୋଗୁ ଏହି ହାଟର ଅଧିକାଂଶ ଜାଗା ଏବେ ଜବରଦଖଲକାରୀଙ୍କ କବଳକୁ ଚାଲିଯାଇଛି। ବିଭିନ୍ନ ସାମାଜିକ ସଙ୍ଗଠନ ପକ୍ଷରୁ ବାରମ୍ବାର ଅଭିଯୋଗ ସତ୍ତ୍ୱେ ଏହାର କୌଣସି ପ୍ରତିକାର ବ୍ୟବସ୍ଥା କରାଯାଉନାହିଁ। ଫୁଲବାଣୀ, ଫିରିଙ୍ଗିଆ ଓ ଖଜୁରିପଡା ବ୍ଲକର ଚାଷୀମାନେ ପରିବା ଓ ଅନ୍ୟାନ୍ୟ କୃଷିଜାତ ଦ୍ରବ୍ୟ ବିକ୍ରି କରିବା ଲାଗି ହାଟ ହୋଇଥିଲା । ସେତବେଳେ ହାଟ ଲାଗି ୭.୫ ଏକର ଜାଗା ଉଦ୍ଦିଷ୍ଟ ଥିଲା। ସମୟାନୁକ୍ରମେ ନିକଟସ୍ଥ ବ୍ୟବସାୟୀମାନେ ଏସବୁ ଜମି ଜବର ଦଖଲ କଲେ । ଏବେ ଏକ ଏକରରୁ ମଧ କମ ସ୍ଥାନ ବଞ୍ଚିଛି। ଚାଷୀମାନେ ବ୍ୟବସାୟ କରିବା ପାଇଁ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ତୁରନ୍ତ ଏହି ସାପ୍ତାହିକ ହାଟକୁ ଜବରଦଖଲ ମୁକ୍ତ କରିବା ପାଇଁ ଆଳାମୀ ସରପଞ୍ଚ ଭରତ କହଁର, କେରେଡି ସରପଞ୍ଚ ବିନିତା ପ୍ରଧାନ, ଗୁଗୁଡା ସରପଞ୍ଚ ଆଲୋକ କହଁର, ଦଡକି ସରପଞ୍ଚ ନମିତା ମଲ୍ଲିକ, ଗୁମାଗଡ ସରପଞ୍ଚ ପ୍ରତାପ ଚନ୍ଦ୍ର କହଁର, ଦୁଦୁକି ସରପଞ୍ଚ ସୁରେନ୍ଦ୍ର କହଁର, ବିଶିପଡା ସରପଞ୍ଚ ସାକାଳି କହଁର, ମିଣିଆ ସରପଞ୍ଚ ଗୌତମ ମଲ୍ଲିକ, କଟ୍ରିଙ୍ଗିଆ ସରପଞ୍ଚ ପ୍ରତିଭା କହଁର, ତୁଡିପାଜୁ ସରପଞ୍ଚ କୌଶଲ୍ୟା କହଁର ପ୍ରମୁଖ ଦାବି କରିଛନ୍ତି।


ଫୁଲବାଣୀ ବ୍ଲକର ସରପଞ୍ଚମାନେ।

# ୬ମାଣ ଧାନ ଫସଲ ନଷ୍ଟ କରିଦେଲେ

■ ବଡପୁଟରେ କଙ୍ଗାରୁ କୋର୍ଟରେ ଭୟାବହତା

■ ବାସନ୍ଦ ପରିବାର ସଦସ୍ୟଙ୍କୁ ନିର୍ଯାତନା

ନୟାଗଡ଼ ଅଫିସ,୩୦।୧୦

ନୟାଗଡ଼ ଜିଲା ଶରଣକୁଳ ଥାନା ବଡପୁଟ ଗାଁରେ ଏକ ବାସନ୍ଦ ପରିବାରର ୬ମାଣ ଧାନ ଫସଲରେ ଘାସ ମରା ଔଷଧ ପକାଇ ଫସଲ ନଷ୍ଟ କରାଯାଇଛି । କଙ୍ଗାରୁ କୋର୍ଟରେ ଭୟାବହତା ଏହି ଗାଁରେ ଦେଖିବାକୁ ମିଳିଛି । ଏନେଇ ବାସନ୍ଦ ପରିବାର ପକ୍ଷରୁ ରାଜୀବ କୁମାର ସାହୁ ଶରଣକୁଳ ଥାନାରେ ଅଭିଯୋଗ କରି ସୁରକ୍ଷା ଓ ନ୍ୟାୟ ମାଗିବା ସହ ବଞ୍ଚିବାକୁ ନିବେଦନ କରିଛନ୍ତି ।

ଅଭିଯୋଗ ଅନୁସାରେ ବ୍ୟକ୍ତିଗତ ଜମିରେ ମହାତ୍ମା ଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମଜିଏନଆରଇଜିଏସ୍)ରେ ରାସ୍ତା ନିର୍ମାଣକୁ ବିରୋଧ କରିବାରୁ ବଡପୁଟର ରାଜୀବ କୁମାର ସାହୁଙ୍କ ପରିବାରକୁ କଙ୍ଗାରୁ କୋର୍ଟରେ ଗତ ଜୁନ ମାସରେ ଦଣ୍ଡିତ କରାଯାଇଥିଲା । କଙ୍ଗାରୁ କୋର୍ଟର ଦଣ୍ଡିତ ଅର୍ଥ ୫ ଲକ୍ଷ ୬ ଟଙ୍କା ନ ଦେବାରୁ ରାଜୀବଙ୍କ ପରିବାରକୁ ବାସନ୍ଦ କରାଯାଇ ଘର ସମ୍ମୁଖରେ ଗତ ମାସ ଜୁନ ୬ରେ କଣ୍ଟାବାଡ ଦିଆଯାଇଥିଲା। ଏପରିକି ପରିବାରର ସମସ୍ତଙ୍କୁ ଜୀବନରେ ମାରି ଦେବାର ଧମକ ଦିଆଯାଇଥିଲା । ସେ ସମୟରେ ରାଜୀବ ଶରଣକୁଳ ଥାନାରେ ଅଭିଯୋଗ କରିବା ପରେ ବିଳମ୍ବରେ ଘର ସମ୍ମୁଖରୁ କଣ୍ଟାବାଡ ହଟିଥିଲା। ଗାମର କେତେଜଣ ଲୋକଙ୍କ ନାଁରେ ମାମଲା ହୋଇଥିଲା । ପରବର୍ତ୍ତୀ ପର୍ଯ୍ୟାୟରେ ଗତ ଜୁନ ୨୯ରେ ରାଜୀବ ଜମି ଚାଷ କରିଥିବାବେଳେ ତାଙ୍କ ଉପରକୁ ଆକ୍ରମଣ ହୋଇଥିଲା । ଏନେଇ ବଡପୁଟର ରାଜୀବ କୁମାର ସାହୁ କୁହନ୍ତି, ମୋର ବ୍ୟକ୍ତିଗତ ୩ ଡେସିମିଲ ଜମିରେ ଏମଜିଏନଆରଇଜିଏସ୍‌ରେ ରାସ୍ତା ନେବାକୁ କହିଲେ। ମୁଁ ଉକ୍ତ ଜମିରେ ଚାଷ କରି ପରିବାର ପ୍ରତିପୋଷଣ କରୁଥିବାରୁ ମୋ ଜମିରେ ରାସ୍ତା ନ କରିବାକୁ ଅନୁରୋଧ କରିଥିଲି। ହେଲେ କ୍ଷତିପୂରଣ ନଦେଇ ବ୍ୟକ୍ତିଗତ ଜମିରେ ମାଟି ପକାଇ ପ୍ରାୟ ୧ବର୍ଷ ତଳେ ରାସ୍ତା ନେଇଗଲେ । ରାସ୍ତା ନେବାକୁ ପ୍ରତିବାଦ କରିବାରୁ କଙ୍ଗାରୁକୋର୍ଟ ବସାଇ ୫ ଲକ୍ଷ ୬ ଟଙ୍କା ଜରିମାନା ପକାଇଲେ । ଜରିମାନା ତୁରନ୍ତ ନ ଦେଲେ କିଛି ଠିକ ହେବ ନାହିଁ ଧମକ ମିଳିଥିଲା । ପରେ ଘର ସମ୍ମୁଖରେ କଣ୍ଟାବାଡ଼ ଓ ଜମିରେ ଆକ୍ରମଣ କଲେ । ୪ ମାସର ବ୍ୟବଧାନ ପରେ ପୁଣି ଜମିରେ ଘାସ ମରା ଔଷଧ ପକାଇ ଫସଲ ନଷ୍ଟ କରିଛନ୍ତି । ମୋ ଉପରେ ନିର୍ଯାତନା ବଢ଼ି ଚାଲିଛି କହି କ୍ଷୋଭ ପ୍ରକାଶ କରିଛନ୍ତି । ଏନେଇ ଶରଣକୁଳ ଆଇଆଇସି ଜୟଦୀପ ମହାନ୍ତି କୁହନ୍ତି ଧାନ ଫସଲରେ ବିଷ ପକା ଯାଇଛି କି ନାହିଁ ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି । ତଦନ୍ତ ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି ।


ଘାସମରା ଔଷଧ ଯୋଗୁ ପାଚି ଯାଇଥିବା ଧାନ ଫସଲ।

# ଭଏସ୍ ଅଫ୍ ନୟାଗଡ଼ ସିଜିନ୍-୩ ଉଦ୍‌ଘାଟିତ


ଭଏସ୍ ଅଫ୍ ସିଜିନ୍-୩ରେ ଯୋଗ ଦେଇଥିବା ପ୍ରତିଯୋଗୀ।

ନୟାଗଡ଼ ଅଫିସ,୩୦।୧୦

ସଙ୍ଗୀତ କ୍ଷେତ୍ରରେ ପ୍ରଶଂସା ସାଉଁଟି ଥିବା ଜିଲାର ଯୁବ କଣ୍ଠଶିଳ୍ପୀମାନଙ୍କ ପ୍ରତିଭାର ବିକାଶ ପାଇଁ ନୟାଗଡ଼ କ୍ଲବ ଦ୍ୱାରା ଆୟୋଜିତ ସଙ୍ଗୀତ ଭିତ୍ତିକ ପ୍ରତିଯୋଗିତା ଭଏସ୍ ଅଫ୍ ନୟାଗଡ଼ ସିଜିନ୍-୩ ରବିବାରଠାରୁ ଆରମ୍ଭ ହୋଇଛି । ନୟାଗଡ଼ କ୍ଲବର ସଭାପତି ରବୀନ୍ଦ୍ର କୁମାର ସାହୁ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଭଏସ୍ ଅଫ୍ ନୟାଗଡ଼ର ସଂଯୋଜକ ଧୀରେନ୍ଦ୍ର କୁମାର ପଟ୍ଟନାୟକ ସମସ୍ତଙ୍କୁ ସ୍ୱାଗତ କରିବା ସହ କାର୍ଯ୍ୟକ୍ରମ ବିଷୟରେ ସୂଚନା ପ୍ରଦାନ କରି କହିଥିଲେ ଆଜି ପ୍ରଥମ ପର୍ଯ୍ୟାୟରେ ନୟାଗଡ଼ ବ୍ଲକ୍‌ର ୧୪ରୁ ୨୧ ବର୍ଷ ବୟସ ପର୍ଯ୍ୟନ୍ତ ପ୍ରତିଯୋଗୀଙ୍କୁ ନେଇ ଏହି ପ୍ରତିଯୋଗିତା ଆରମ୍ଭ ହୋଇଛି । ଏହା ପର୍ଯ୍ୟାୟକ୍ରମେ ନୟାଗଡ଼ର ଅନ୍ୟ ୭ ବ୍ଲକରେ ପ୍ରତିଯୋଗିତା ହେବ । ପ୍ରତିଯୋଗିତାରେ କ୍ୱାର୍ଟର ଫାଇନାଲ୍, ସେମିଫାଇନାଲ ଓ ଫାଇନାଲ୍ ଏହିପରି ଭାବେ ଭଏସ୍ ଅଫ୍ ନୟାଗଡ଼ ଭାବେ ଜଣେ ପ୍ରତିଭାବାନ୍ ଯୁବ କଣ୍ଠଶିଳ୍ପୀଙ୍କୁ ଚୟନ କରାଯିବ । ଶ୍ରେଷ୍ଠ ବିବେଚିତ କଣ୍ଠଶିଳ୍ପୀଙ୍କୁ ୧୦ ହଜାର ଟଙ୍କା ପୁରସ୍କାର ରାଶି ସହ ଉପଢୌକନ ଓ ମାନପତ୍ର ପ୍ରଦାନ କରାଯିବ ।

ରବିବାର ଶରତ ଚନ୍ଦ୍ର ଆଚାର୍ଯ୍ୟଙ୍କ ସଂଯୋଜନାରେ ଆୟୋଜିତ ସଙ୍ଗୀତ କାର୍ଯ୍ୟକ୍ରମରେ ନୟାଗଡ଼ କ୍ଲବର ସମ୍ପାଦକ ମିହିର ରଞ୍ଜନ ନାୟକ ଓ ସଦସ୍ୟ ଅବିନାଶ ସାହୁ, ଲକ୍ଷ୍ମୀନାରାୟଣ ରଥ,ଅରୁଣ ମହାନ୍ତି,ଅବଦୁଲ୍ ଆରିଫ ଖାଁ , ବାସୁଦେବ ସାହୁ,ପ୍ରକାଶ ଷଡ଼ଙ୍ଗୀ ପ୍ରମୁଖ ଯୋଗଦେଇ ଉକ୍ତ ପ୍ରତିଯୋଗୀତାକୁ ପରିଚାଳନା କରିଥିଲେ । ବିଚାରକ ଭାବେ ଉପସ୍ଥିତ ଥିଲେ ବରିଷ୍ଠ ସଙ୍ଗୀତ ନିର୍ଦ୍ଦେଶକ ଓ କଣ୍ଠଶିଳ୍ପୀ ଜଗଦୀଶ ପ୍ରସାଦ ରଥ ଓ ରାଜେଶ କୁମାର ମିଶ୍ର । ପ୍ରତିଯୋଗିତାରେ ନୟାଗଡ଼ ବ୍ଲକରୁ ୪୬ ଜଣ ଯୁବ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ପରବର୍ତ୍ତୀ ପର୍ଯ୍ୟାୟକୁ ପ୍ରଦ୍ୟୁମ୍ନ ବାରିକ,ପ୍ରୀତିପଦ୍ମା ମିଶ୍ର,ଓମ୍ ପ୍ରସାଦ ମିଶ୍ର, ବିଶ୍ୱଜିତ୍ ନାୟକ, ବର୍ଷା ପ୍ରିୟଦର୍ଶିନୀ, ଅସୀମ ରଞ୍ଜନ ପଟ୍ଟନାୟକ, ଜ୍ୟୋତିପ୍ରଦା ପରିଡା,ଲିପ୍ସାରାଣୀ ପଣ୍ଡା,ସ୍ୱାଗତିକା ପଣ୍ଡା, ପୂଜା ନାୟକ, ଇପ୍ସିତା ସାମନ୍ତରାୟ, ଇପ୍ସିତା ପ୍ରିୟଦର୍ଶିନୀ ପ୍ରମୁଖ ମନୋନୀତ ହୋଇଥିଲେ । କୃତୀତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀମାନଙ୍କୁ ପଦକ ପ୍ରଦାନ କରାଯାଇଥିଲା ।

# ଦାବି ପୂରଣ ନ ହେଲେ ଆନ୍ଦୋଳନ

## ଚତୁର୍ଥ ଶ୍ରେଣୀ କର୍ମଚାରୀ ସଂଘର ବୈଠକ

ଖଣ୍ଡପଡ଼ା,୩୦।୧୦(ସ୍ୱ.ପ୍ର.)

ଜିଲାସ୍ତରୀୟ ଚତୁର୍ଥଶ୍ରେଣୀ କର୍ମଚାରୀ ସଂଘର ଗୁରୁତ୍ୱପୂର୍ଣ୍ଣ ବୈଠକ ଓଡ଼ିଶା ଗ୍ରାମ ପଞ୍ଚାୟତ କର୍ମଚାରୀ ସଂଘର ଆହ୍ୱାନ କ୍ରମେ ରବିବାର ଖଣ୍ଡପଡ଼ା ବ୍ଲକ ଅଧୀନ ଖଲିସାହି ତୋଟା ହନୁମାନ ପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ନୟାଗଡ଼ ଜିଲାର ୮ ବ୍ଲକ ଅଧୀନ ୧୯୪ ପଞ୍ଚାୟତରେ କାର୍ଯ୍ୟରତ ୧୬୧ ଜଣ ୪ର୍ଥ ଶ୍ରେଣୀ କର୍ମଚାରୀ ଓ ୬୮ ଜଣ ରାତି ଜଗୁଆଳି ବୈଠକରେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମର ପ୍ରାରମ୍ଭରେ ସଂଘର ଜିଲା ଆବାହକ ସନାତନ ପ୍ରଧାନ ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ସମସ୍ତ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ସରକାର ନିୟମିତ କର୍ମଚାରୀର ମାନ୍ୟତା ପ୍ରଦାନ କରିବା, ସ୍ଥାୟୀ ନିଯୁକ୍ତି ସହ ସମାନ କାମକୁ ସମାନ ବେତନ ପ୍ରଦାନ କରିବା, ବାର୍ଷିକ ବଜେଟ୍‌ରେ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବା, ଶ୍ରମ ଓ ନିୟୋଜନ କାର୍ଯ୍ୟାଳୟ ପକ୍ଷରୁ ଘୋଷିତ ଦୈନିକ ସର୍ବନିମ୍ନ ମଜୁରୀ କର୍ମଚାରୀଙ୍କୁ ପ୍ରଦାନ କରିବା ଆଦି ଦାବି ନେଇ ଆଲୋଚନା ହୋଇଥିଲା । ଉପରୋକ୍ତ ସମସ୍ତ ଦାବି ପ୍ରତି ରାଜ୍ୟ ସରକାର ତୁରନ୍ତ ଦୃଷ୍ଟି ଦେଇ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସଂଘର ସଦସ୍ୟମାନେ ଦାବି କରିଛନ୍ତି । ନଚେତ୍ ଆଗାମୀ ଦିନରେ ସମସ୍ତ ଦାବି ପୂରଣ ନେଇ ସଂଘ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଜିଲା ସଭାପତି ଯୁଗଳ କିଶୋର ରଣା ଚେତାବନୀ ଦେଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଖଣ୍ଡପଡ଼ା ବ୍ଲକ ସଭାପତି ଉତ୍ସବ ରାଉତ, ସମ୍ପାଦକ ମହନ୍ତ ସ୍ୱାଇଁ, ଭାସ୍କର ପ୍ରଧାନ, ମାଧବ ଚନ୍ଦ୍ର ବିଶ୍ୱାଳ, ବିଜୟ ବରାଡ ପ୍ରମୁଖ ଉପସ୍ଥିତ ଥିଲେ ।


ବୈଠକରେ ଚତୁର୍ଥଶ୍ରେଣୀ କର୍ମଚାରୀ ଦାବି ଉପସ୍ଥାପନ କରୁଛନ୍ତି।

# ତହସିଲଦାରଙ୍କୁ ଗାଳିଗୁଲଜ, ବାଲି ବ୍ୟବସାୟୀ ଗିରଫ

ନୂଆଗାଁ,୩୦।୧୦(ଡି.ଏନ.ଏ.)

ନୟାଗଡ଼ ଜିଲା ନୂଆଗାଁ ତହସିଲଦାରଙ୍କୁ ଗାଳିଗୁଲଜ କରିବା ଓ ଧମକ ଦେବା ଅଭିଯୋଗରେ ନୂଆଗାଁ ଥାନା ପୋଲିସ ଜଣେ ବାଲି ବ୍ୟବସାୟୀଙ୍କୁ ଗିରଫ କରି ରବିବାର କୋର୍ଟ ଚାଲଣ କରିଛି । ସେ ହେଲେ ନୂଆଗାଁ ଥାନା ଅଧୀନ ଶିଖରଗୋଛା ଗ୍ରାମର ଗୋବିନ୍ଦ ବେହେରା (୪୦) । ସୂଚନା ଅନୁଯାୟୀ, ରବିବାର ନଦୀରୁ ୨ ଟ୍ରାକ୍ଟରରେ ବାଲି ଚୋରା ଚାଲାଣ ହେଉଥିବା ଖବର ପାଇ ତହସିଲଦାର ଏବଂ ଅତିରିକ୍ତ ତହସିଲଦାର ଘଟଣାସ୍ଥଳରେ ପହଞ୍ଚି ଥିଲେ । ଉଭୟ ଅଧିକାରୀ ୨ ଟ୍ରାକ୍ଟର ଜବତ କରିବା ପାଇଁ ଚେଷ୍ଟା କରିଥିଲେ । ହେଲେ ଟ୍ରାକ୍ଟର ମାଲିକ ତଥା ବାଲି ବ୍ୟବସାୟୀ ଗୋବିନ୍ଦ ସେଠାରେ ପହଞ୍ଚି ତହସିଲଦାର ଓ ଅତିରିକ୍ତ ତହସିଲଦାରଙ୍କୁ ଗାଳିଗୁଲଜ କରିବା ସହ ନାନା ଧମକ ଦେଇଥିଲେ । ଏ ନେଇ ତହସିଲଦାର ହେମନ୍ତ କୁମାର ନାୟକ ନୂଆଗାଁ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ( ନଂ. ୧୮୨/୨୨) ରୁଜୁ କରିବା ସହ ଗୋବିନ୍ଦଙ୍କୁ ଗିରଫ କରି କୋର୍ଟ ଚାଲଣ କରିଛି । ୨ ଟ୍ରାକ୍ଟରକୁ ପୋଲିସ ଜବତ କରିଛି ବୋଲି ନୂଆଗାଁ ଥାନା ଅଧିକାରୀ ପୁଷ୍ପଲତା ବେହେରା କହିଛନ୍ତି ।

# ପୁଣି ଜଣେ ଡକାୟତ ଜେଲ ଗଲେ

**ନୟାଗଡ଼ ଅଫିସ,୩୦।୧୦:** ମିଶ୍ର ଲେନ ଓ ଲୋକନାଥ ନଗରରୁ ଅଗଷ୍ଟ ୨୩ ବିଳମ୍ବିତ ରାତିରେ ଚୋରି କରିଥିବା ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାତକୁ ପଠାଇ ଦିଆଯାଇଛି । ସମ୍ପୃକ୍ତ ଯୁବକ ହେଲେ ଓଡଗାଁ ଥାନା ଅଞ୍ଚଳର ଜିତେନ୍ଦ୍ର ଡାକୁଆ । ପୋଲିସ ଏହି ଘଟଣାରେ ଗତ ୨୪ ତାରିଖରେ ୬ ଡକାୟତ ଓ ୨ ଚୋରା ବ୍ୟବସାୟୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ସୂଚନା ଅନୁଯାୟୀ, ଖଣ୍ଡପଡ଼ା ରୋଡ ମିଶ୍ର ଗଳିର ରତିକାନ୍ତ ପରିଡା ଓ ବାଳକୃଷ୍ଣ ପାଣିଗ୍ରାହୀଙ୍କ ଘରୁ ଗତ ଅଗଷ୍ଟ ୨୩ ତାରିଖ ରାତିରେ ଚୋରି ହୋଇଥିଲା। ସେହିପରି ଲୋକନାଥ ନଗରର ଗୋକୁଳ ଚନ୍ଦ୍ର ଦ୍ୱିବେଦୀଙ୍କ ଘରୁ ଅନୁରୂପ ଭାବେ ଚୋରି ହୋଇଥିଲା। ରତିକାନ୍ତ ପରିଡାଙ୍କ ପରିବାର କଟକ ଯାଇଥିବାବେଳେ ବାଳକୃଷ୍ଣ ପାଣିଗ୍ରାହୀଙ୍କ ପରିବାର ଖଲ୍ଲିକୋଟ ଯାଇଥିଲେ। ସେହିପରି ଗୋକୁଳ ଚନ୍ଦ୍ର ଦିବେଦୀଙ୍କର ପରିବାର ଝିଅ ଘର ବାଙ୍ଗାଲୋରରେ କିଛି ମାସ ହେଲା ରହୁଥିଲେ। ଚୋର ୩ଟି ତାଲା ଝୁଲୁଥିବା ଘରକୁ ଟାର୍ଗେଟ କରି ଚୋରି କରିବାରେ ସଫଳ ହୋଇଛି।


ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସମିର


@ ଅଂଶୁମାନ


@ ତାପସ


@ ସବିତା


@ ପ୍ରିୟଙ୍କା


@ ଅମ୍ଳାନ


ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


# ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ବୋର୍ଡ ପକ୍ଷରୁ ତାଲିମ ଶିବିର

ଖଣ୍ଡପଡ଼ା,୩୦।୧୦(ସ୍ୱ.ପ୍ର.)

ଓଡ଼ିଶା ରାଜ୍ୟ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ପରିଚାଳନା ବୋର୍ଡ ପକ୍ଷରୁ ଏକ ୫ ଦିନିଆ ତାଲିମ ଶିବିର ଖଣ୍ଡପଡ଼ା ବ୍ଲକ୍ ଅଧୀନ କଣ୍ଟିଲୋ ବହୁମୁଖୀ ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳୀରେ ରବିବାର ଅନୁଷ୍ଠିତ ହୋଇଯାଇଛି । ଏହି ତାଲିମ ଶିବିରକୁ ଖଣ୍ଡପଡ଼ା ବିଡିଓ ଅରୁଣିମା ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ସେ କହିଲେ, ପ୍ରାକୃତିକ ଦୁର୍ବିପାକ ସମୟରେ ଅସହାୟମାନଙ୍କୁ ଉଦ୍ଧାର କରିବା ଏକ ମହାନ୍ କାର୍ଯ୍ୟ। ଏଥିପାଇଁ ସ୍ୱେଚ୍ଛାସେବୀ ସଙ୍ଗଠନର ଯୁବସମାଜ ଆଗେଇ ଆସିବାକୁ ଶିବିରାର୍ଥୀମାନଙ୍କୁ ପରାମର୍ଶ ଦେଇଥିଲେ । ଅନ୍ୟତମ ଅତିଥି ରୁପେ ନୟାଗଡ଼ ଜିଲା ଜରୁରୀକାଳୀନ ପ୍ରକଳ୍ପ ଅଧିକାରୀ ଅଶୋକ କୁମାର ରଥ ଓ କଣ୍ଟିଲୋ ସରପଞ୍ଚ ଶ୍ରୀୟାରାଣୀ ବେହେରା ପ୍ରମୁଖ ଯୋଗ ଦେଇଥିଲେ । ଏହି ତାଲିମ ଶିବିରରେ ୫୦ଜଣ ଯୁବତୀ,ଯୁବକ ଅଂଶ ଗ୍ରହଣ କରିଥିବା ବେଳେ ଭିକାରୀ ଚରଣ ସାହୁ, ନିଖିଳ ଚକ୍ରବର୍ତ୍ତୀ, ବିଜୟ କୁମାର ମହାପାତ୍ର ଓ ମାନସ ମହାପାତ୍ର ଶିବିରାର୍ଥୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ଅନୁସନ୍ଧାନ, ଉଦ୍ଧାର, ରକ୍ଷଣାବେକ୍ଷଣ, ପ୍ରାଥମିକ ଚିକିତ୍ସା ଓ ପରିଚାଳନା ଆଦି ବିଭିନ୍ନ କୌଶଳ ଉପରେ ତାଲିମ ପ୍ରଦାନ କରାଯିବ ବୋଲି ଜିଲା ଜରୁରୀକାଳୀନ ଅଧିକାରୀ ସାହୁ ସୂଚନା ଦେଇଛନ୍ତି । ଏହି କାର୍ଯ୍ୟକ୍ରମକୁ ପଞ୍ଚାୟତ ନିର୍ବାହୀ ଅଧିକାରୀ ସସ୍ମିତା ବେହେରା ଓ ସରପଞ୍ଚଙ୍କ ପ୍ରତିନିଧି ଶତ୍ରୁଘ୍ନ ବେହେରା ପ୍ରମୁଖ ପରିଚାଳନା କରିଥିଲେ ।


ତାଲିମ ଶିବିରରେ ମଞ୍ଚାସୀନ ଅତିଥି।

# ସଡ଼କ ଦୁର୍ଘଟଣାରେ ୨ ଗୁରୁତର

ନୂଆଗାଁ/ଖଣ୍ଡପଡ଼ା,୩୦।୧୦ (ଡି.ଏନ.ଏ./ସ୍ୱ.ପ୍ର.)

ନୟାଗଡ଼ ଜିଲା ନୂଆଗାଁ ଥାନା ଖାଲମଡା ନିକଟରେ ରବିବାର ବାଇକ୍ ଦୁର୍ଘଟଣା ଘଟି ଜଣେ ଯୁବକ ଗୁରୁତର ହୋଇଛନ୍ତି । ସେ ହେଲେ ଖାଲମଡ଼ା ଗ୍ରାମର ପୂର୍ଣ୍ଣ ଚନ୍ଦ୍ର ନାୟକ। ସେ ବାଇକ୍‌ରେ ନୂଆଗାଁ -ବାହାଡାଝୋଲା ରାସ୍ତାରେ ଯାଉଥିବା ସମୟରେ ଗାଡ଼ିଟି ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ତାଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ସେହିପରି ଖଣ୍ଡପଡ଼ା ସହର ଜେଲଖାନା ଛକଠାରୁ ବନମାଳୀପୁର ଗ୍ରାମକୁ ସଂଯୋଗ କରୁଥିବା ରାସ୍ତାର କୁସୁମୀ ନଦୀ ସେତୁ ଉପରେ ଶନିବାର ରାତିରେ ଏକ ଦୁର୍ଘଟଣା ଘଟିଛି। ଏଥିରେ ବନମାଳୀପୁର ପଞ୍ଚାୟତ ବାସୁଦେବପୁର ଗ୍ରାମର ଉମାକାନ୍ତ ସେନାପତି(୨୭) ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

# ଶବରଙ୍କ ଦାବି ପୂରଣ ନ ହେଲେ ଆନ୍ଦୋଳନ

## ଆଦିବାସୀ ଶବର ସଂଘର ବୈଠକ

ଭାପୁର,୩୦।୧୦(ଡି.ଏନ.ଏ.)

ଭାପୁର ପଞ୍ଚାୟତ ଅଧୀନ ମାନପୁର ପ୍ରାଥମିକ ବିଦ୍ୟାଳୟ ପଡ଼ିଆରେ ଭାପୁର ଓ ଖଣ୍ଡପଡ଼ା ବ୍ଲକ ଅଧୀନ ୨୫ ଗ୍ରାମର ଶବରମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ସଭାପତିତ୍ୱ କରିଥିଲେ ରାଜ୍ୟ ଆଦିବାସୀ ସୁରକ୍ଷା ମଞ୍ଚର ଅଧକ୍ଷ ବିଦ୍ୟାଧର ଦେହୁରୀ। ସମ୍ମାନିତ ଅତିଥି ଭାବେ ଭାପୁର ପଞ୍ଚାୟତ ସମିତି ଉପାଧ୍ୟକ୍ଷ ବେଣୁଧର ପ୍ରଧାନ, ଦଳିତ ଆଦିବାସୀ ସୁରକ୍ଷା ମଞ୍ଚର ଉପାଧ୍ୟକ୍ଷ ଗୋପାଳଚନ୍ଦ୍ର ନାୟକ , ସୁରେଶଚନ୍ଦ୍ର ନାୟକ ,ରାଜ୍ୟ ଦଳିତ ଆଦିବାସୀ ସୁରକ୍ଷା ମଞ୍ଚର ସାଧାରଣ ସମ୍ପାଦକ ଅଶୋକ କୁମାର ନାୟକ , ରାଜ୍ୟ ଦଳିତ ସମ୍ପାଦକ ସଂଖ୍ୟାଲଘୁ ସେଲର ଇକବାଲ ହୁସେନ୍ , ଆମ୍ବେଡ଼କର ଦଳିତ ସୁରକ୍ଷା ବିଚାର ମଞ୍ଚର ସଭାପତି ଦେବରାଜ ନାୟକ , ନୟାଗଡ଼ ଜିଲା ଆଦିବାସୀ ସଭାପତି ମଥୁରା ସ୍ୱାଇଁ , ଉପସଭାପତି ଫଗୁ ଦେହୁରୀ , ସମ୍ପାଦକ ରାଉତ ନାୟକ ,ସହ ସମ୍ପାଦକ ମୁରଲୀଧର ନାଏକ ଓ ନୟାଗଡ଼ ଜିଲା ଲଳିତ ଶବର ସଂଘର ସଭାପତି ସସ୍ମିତା ନାଏକ , ଉପସଭାପତି ଲିଲି ଦେହୁରୀ , ସମ୍ପାଦିକା ସୁଷମା ଜେନା , ସହ ସମ୍ପାଦିକା ରୁପ ନାଏକ ସମେତ ଉଭୟ ବ୍ଲକର ଶତାଧିକ ଆଦିବାସୀ ଯୋଗଦେଇଥିଲେ । ଶବର ଜାତିର ଉତ୍‌ଥାନ ପାଇଁ ସମଗ୍ର ଜିଲା ଏକ ହେବାକୁ ଶବର ସଭ୍ୟଗଣଙ୍କୁ ଆହ୍ୱାନ କରାଯାଇଥିଲା । ଶବର ଜାତିର ସଂସ୍କୃତି ବିଲୁପ୍ତ ହେବା, ଜାତିଗତ ପ୍ରମାଣ ପତ୍ର ନ ମିଳିବା ଓ ସରକାରୀ ଅନୁଦାନ ପାଇବାରୁ ବଞ୍ଚିତ ହେଉଥିବା ବିଷୟରେ ଆଲୋଚନା ହୋଇଥିଲା। ଏହି ବୈଠକରେ ଆଦିବାସୀ ଶବର ଜାତିର ମହିଳା ଓ ପୁରୁଷ ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀର ସମସ୍ତେ ସଦସ୍ୟ ଉପସ୍ଥିତ ଥିଲେ।

ଖୋର୍ଦ୍ଧା ଜିଲା ଆଦିବାସୀ ସଭାପତି ଚୁନି ମାଝି, ସାଧାରଣ ସମ୍ପାଦକ ସୁଜାତା ନାୟକ ,ଉପସଭାପତି ମନୋରମା ନାୟକ ଉପସ୍ଥିତ ରହି ସରକାର ଶବର ଜାତି ଉପରେ କରୁଥିବା ଅନ୍ୟାୟ ବିଷୟରେ ଆଲୋକପାତ କରିଥିଲେ। ଭାପୁର ବ୍ଲକ ଉପାଧ୍ୟକ୍ଷ ତାଙ୍କ ଅଭିଭାଷଣରେ କହିଥିଲେ ସବୁବେଳେ ସେ ଆଦିବାସୀମାନଙ୍କ ଦୁଃଖସୁଖରେ ସାମିଲ ରହିବା ସହ ଯାହା ଆବଶ୍ୟକ ସହାୟତା ପ୍ରଦାନ କରିବାକୁ ଚେଷ୍ଟା କରିବେ । ବିଦ୍ୟାଧର ଦେହୁରୀ କହିଛନ୍ତି, ଆଗାମୀ ଦିନରେ ସେମାନଙ୍କ ଦାବିନେଇ ଭାପୁର ବିଡିଓ ଓ ତହସିଲଦାରଙ୍କୁ ଜଣାଇବେ । ଦାବି ପୂରଣ ନ ହେଲେ ସେମାନେ ରାଜରାସ୍ତାକୁ ଓହ୍ଲାଇବା ସହିତ ବ୍ଲକ ଓ ତହସିଲ କାର୍ଯ୍ୟାଳୟ ଆଗରେ ଆନ୍ଦୋଳନ କରିବେ ।


ବୈଠକରେ ଯୋଗ ଦେଇଥିବା ଆଦିବାସୀ ଶବର ସଂଘର ସଦସ୍ୟ।